# ଜୟ ଜଗନ୍ନାଥ ଅର୍ପଣ ରଥକୁ ଭବ୍ୟ ସ୍ୱାଗତ



**ବାରିପଦା, ୯ ।୧(ସମିସ):** ବାରିପଦା ପୌର ପରିଷଦର ୧ନଂ. ୱାର୍ଡ ବୁଢ଼ୀଖମାରୀ ଶାସନ ସ୍ଥିତ ବାବା ଜୀବନେଶ୍ୱର ଶିବ ମନ୍ଦିର ପରିସରରେ ଶ୍ରୀମନ୍ଦିର ପରିକ୍ରମା ରଥକୁ ଭବ୍ୟ ସ୍ୱାଗତ କରିଛନ୍ତି ୱାର୍ଡବାସୀ ଓ ହଜାର ହଜାର ଭକ୍ତ । ଭକ୍ତମାନେ ସଂକୀର୍ତ୍ତନ ଯାତ୍ରାରେ ସାମିଲ ହୋଇ ମନ୍ଦିର ନିକଟରେ ସମାବେଶ ହୋଇଥିଲେ । ମହିଳାଙ୍କ ଶଙ୍ଖ ହୁଳହୁଳି ଏବଂ ଜୟ ଜଗନ୍ନାଥ ଧ୍ୱନି ରେ ପ୍ରକମ୍ପିତ ହୋଇଥିଲା ଅଞ୍ଚଳ । ପରେ ରଥ ଟାଙ୍କିସାହି ଦେଇ ବେଲଗଡ଼ିଆ ସ୍ଥିତ ପଞ୍ଚାନନ ଶିବ ମନ୍ଦିରରେ ପହଞ୍ଚିଥିଲା ଓ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ପ୍ରତ୍ୟେକ ଘରୁ ଗୁଆ ଓ ଚାଉଳ ଭକ୍ତି ସ୍ୱରୂପ ରଥରେ ଅର୍ପଣ କରିଥିଲେ । ଶେଷରେ ଝିଞ୍ଜିରୀବନ୍ଧଠାରେ ରଥକୁ ୱାର୍ଡବାସୀ ବିଦାୟ ଦେଇଥିଲେ ।ଏହି କାର୍ଯ୍ୟକ୍ରମରେ ୱାର୍ଡର କାଉନସିଲର ସୁକେଶିନୀ ସେଠୀ, ସମେତ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପ ନଗରପାଳ ସୀମା ଦାସ, କାର୍ଯ୍ୟ ନିର୍ବାହୀ ଅଧିକାରୀ ବସନ୍ତ ସେଠୀ, ସହକାରୀ ଯନ୍ତ୍ରୀ ମନମୋହନ ମହାପାତ୍ର, କାଉନସିଲର ଅମ୍ବିକା ସାହୁ, କାଉନସିଲର ଦେବାଶିଷ ପାତ୍ର, ଲୋମଜିନ ସାମଲ, ଆଖଣ୍ଡଳମଣି ମହାପାତ୍ର, ଗୋପାଳ କୃଷ୍ଣ ପ୍ରଧାନ ଓ ସାର୍ଥକ ପ୍ରୟାସ ପାତ୍ର ସମେତ ବହୁ ୱାର୍ଡବାସୀ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ରବି ବେହେରା, ନିବେଦିତା ବେହେରା, ଛାତ୍ର ନେତା ସୁନୀଲ କୁମାର ନାୟକ, ଶିବ ମାଝୀ, ଦୀପକ ମିଶ୍ର, ଦୁର୍ଗାମାଣୀ ଆଚାର୍ଯ୍ୟ, ସଂଯୁକ୍ତା ଭୁଜବଳ, ପ୍ରତିଭା ସାମଲ, ଭଗବତୀ ଭୂୟାଁ, ମହାସଂଘ ସଭାପତି ଜୟସ୍ମିତା ମିଶ୍ର, ରାଜଶ୍ରୀ ଦାସ, ଦେବସ୍ମିତା ମିଶ୍ର, ସବିତା ପାତ୍ର, ଦ୍ରୌପଦୀ ସାହୁ, ସମ୍ବାରି ମୁର୍ମୁ, ରୀନା ଦାସ ପ୍ରମୁଖ ଯୋଗଦେଇଥିଲେ ।

# ମୟୂରୀ ରୟାଲ୍ସ ପ୍ରିମିୟର୍ ଲିଗ୍‌ର ଅଷ୍ଟମ ଦିନ

**ବାରିପଦା, ୯ ।୧(ସମିସ):** ଷ୍ଟେସନ ପଡ଼ିଆରେ ଚାଲିଥିବା ମୟୂରୀ ରୟାଲସ୍ ପ୍ରିମିୟର୍ ଲିଗର ଅଷ୍ଟମ ଦିନ ସୋମବାର ଖେଳର ପ୍ରଥମ ମ୍ୟାଚ୍‌ରେ ଶ୍ମଶାନ ଦଳ ଏମାର୍ଜି ଟାଇଟନ ଦଳକୁ ୫୬ ରନ୍‌ରେ ପରାସ୍ତ କରିଥିବା ବେଳେ ରଥୁ ନାୟକ ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ଦ୍ୱିତୀୟ ମ୍ୟାଚ୍‌ରେ ଜଗନ୍ନାଥ ୱାରିୟର୍ସ ଦଳ ଥ୍ରୀଲର ଦଳକୁ ୫ ୱିକେଟ୍‌ରେ ପରାସ୍ତ କରିଥିଲା । ମନୋଜ ସି ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ସେହିପରି ତୃତୀୟ ମ୍ୟାଚ୍‌ରେ ମା' ଅମ୍ବିକା ୱାରିୟର୍ସ ଦଳ ଏମକେସିସି ଦଳକୁ ୪୨ ରନ୍‌ରେ ପରାସ୍ତ କରିଥିବା ବେଳେ ଦିବ୍ୟେଶ୍ ମହାନ୍ତି ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ସେହିପରି ଚତୁର୍ଥ ମ୍ୟାଚ୍‌ରେ ଭି ରୋର ଦଳ ମୟୂରଭଞ୍ଜ ଷ୍ଟ୍ରାଇକର ଦଳକୁ ୯ ୱିକେଟ୍‌ରେ ପରାସ୍ତ କରିଥିଲା । ଆଦିତ୍ୟ ବସା ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ଖେଳରେ ଅତିଥି ଭାବେ ୧୧ ନମ୍ବର୍ ୱାର୍ଡ କାଉନସିଲର ପ୍ରତିଭା ପୃଷ୍ଟି ଓ ୨୮ ନମ୍ବର୍ ୱାର୍ଡ କାଉନସିଲର ଜିତା ସିଂ ଯୋଗ ଦେଇଥିଲେ । ଆମ୍ପାୟାର ଭାବେ ଇନ୍ଦ୍ରଜିତ ପ୍ରସାଦ, ପ୍ରବୀର୍ ମୋଦି ପରିଚାଳନା କରିଥିଲେ ।



# ଡିସିସିର ବାର୍ଷିକ ଉତ୍ସବ




**ବାରିପଦା, ୯ ।୧(ସମିସ):** ଭଞ୍ଜପୁର ଦିଗନ୍ତ କୋଚିଂ ସେଣ୍ଟର (ଡିସିସି)ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସେଣ୍ଟରର ନିର୍ଦ୍ଦେଶକ ଅଞ୍ଜନ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଆରସିସି ବ୍ରଜମୋହନ ମୁର୍ମୁ, ମୁଖ୍ୟବକ୍ତା ଭାବେ ରାଗ୍ମା ମହାବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ତ୍ରିଲୋଚନ ମିଶ୍ର, ସମ୍ମାନିତ ଅତିଥି ଭାବେ ଚାନ୍ଦୁଆ କେଜିବିଭିର ପ୍ରଧାନ ଶିକ୍ଷୟିତ୍ରୀ ମୋନର୍ଭା ଦାସ, ୱାର୍ଡ କାଉନସିଲର ରାଜ ଗୁପ୍ତା, କାଉନସିଲର କରୁଣାକର ହେମ୍ବ୍ରମ, ପୂର୍ବତନ କାଉନସିଲର ଦର୍ପନାରାୟଣ ପାଲ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ବିଶିଷ୍ଟ ବ୍ୟକ୍ତି ବିଶେଷ ଭାବେ ଉଦ୍ରକ ଜିଲ୍ଲାର ଶିକ୍ଷା ଅଧିକାରୀ ଅକ୍ରୁର ବାରିକ ଓ ଅନ୍ୟାନ୍ୟ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା । ନିର୍ଦ୍ଦେଶକ ଅଞ୍ଜନ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ ।

## ପୃଥକ ଘଟଣାରେ ୪ ଜଣଙ୍କୁ ଗିରଫ କଲା ପୁଲିସ

# ୩.୪୮ ଲକ୍ଷ ଟଙ୍କା, ସ୍ୱର୍ଣ୍ଣ ଅଳଙ୍କାର ଓ କଫ୍‌ସିରପ ଜବତ

**ବାରିପଦା, ୯ ।୧(ସମିସ)**



ମୟୂରଭଞ୍ଜ ଜିଲ୍ଲା ଭଞ୍ଜପୁର ଓ କୁଳିଅଣା ଥାନାରେ ଘଟିଥିବା ପୃଥକ ଘଟଣାରେ ପୁଲିସକୁ ସଫଳତା ମିଳିଛି । ଏ ନେଇ ଏସପି ଏସ ସୁଶ୍ରୀ ମଙ୍ଗଳବାର ସନ୍ଧ୍ୟାରେ ସାମ୍ବାଦିକ ସମ୍ମିଳନୀରେ ସୂଚନାଦେଇଛନ୍ତି । ବାରିପଦା ସହରରେ ବର୍ଦ୍ଧିତ ଜନସଂଖ୍ୟା ସମେତ ଅପରାଧିକ ମାମଲାର ମାତ୍ରା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି । କିଛିଦିନ ହେବ ସହରରେ ଲୁଟେରାଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ବହୁ ସମୟରେ ଛିନତାଇ ନେଇ ଅଭିଯୋଗ ହେଉଛି । ଗତ ଜାନୁଆରୀ ୫ ତାରିଖରେ ଭଞ୍ଜପୁର ଥାନା ଅନ୍ତର୍ଗତ ୨୧ନଂ. ୱାର୍ଡର ବିଜୟରାମଚନ୍ଦ୍ରପୁର ଅଞ୍ଚଳର ରତ୍ନମଣୀ ମହାନ୍ତି (୭୦)ଙ୍କଠାରୁ ଦୁଇଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ଏକ ସୁନାହାର ଛିନତାଇ କରିଥିଲେ । ପ୍ରବଳ ଶୀତ ଯୋଗୁ ଉକ୍ତ ବୃଦ୍ଧା ଜଣଙ୍କ ନିଜ ଘର ସମ୍ମୁଖ ଛିଡ଼ା ହୋଇଥିବାବେଳେ ଦୁଇ ଜଣ ଦୁର୍ବୃତ୍ତ ଆସି ଠିକଣା ପଚାରିବା ବାହାନାରେ ଛିନତାଇ ଫେରାର ହୋଇଯାଇଥିଲେ । ଏନେଇ ରତ୍ନମଣୀଙ୍କ ଜାନୁଆରୀ ୭ତାରିଖରେ ଅଭିଯୋଗକ୍ରମେ ଭଞ୍ଜପୁର ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା । ପରେ ପୁଲିସ ଘଟଣାର ତଦନ୍ତ କରି ୩ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି । ସେମାନେ ହେଲେ ଝାଡ଼ଖଣ୍ଡ ରାଜ୍ୟର ବରଷୋଳ ଥାନା ଅନ୍ତର୍ଗତ ରାଜେଶ ଶ୍ୟାମଲ(୨୩), ବହୋରାଗୋଡା ଥାନା ଅନ୍ତର୍ଗତ ଶାସନ ଗ୍ରାମର ସୋମଦତ୍ତ ନାଏକ(୨୯) ଏବଂ ବାରିପଦା ଟାଉନ ଥାନା ଅନ୍ତର୍ଗତ ମଧୁବନ ନିବାସୀ ମହାରାଷ୍ଟ୍ର ଅଞ୍ଚଳର ଆଦିକରାଓ ବସନ୍ତ ସାରକ (୪୬) । ତାଙ୍କ ନିକଟରୁ ୩ଲକ୍ଷ ୪୮ ହଜାର ଟଙ୍କା, ଏକ ବାଇକ, ତିନିଟି ମୋବାଇଲ ଫୋନ, ୬.୫ ଗ୍ରାମର ସ୍ୱର୍ଣ୍ଣ ଅଳଙ୍କାର, ୯୪ଗ୍ରାମର ସୁନା ବିସ୍କୁଟ, ରୁପା ଅଳଙ୍କାର ୨୭୭୦ଗ୍ରାମ, ଓଜନ ମେସିନ, ୪ଟି ବିଲ୍ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି । ଏହି ଅଭିଯୁକ୍ତମାନେ ପେଶାଦାର ଲୁଟେରା ବୋଲି ପୁଲିସ ସୂଚନା ଦେଇଛି ।

ସେହିପରି କୁଳିଅଣା ଥାନା ପୁଲିସକୁ ସଫଳତା ମିଳିଛି । ସୋମବାର ପାଟ୍ରୋଲିଂ ସମୟରେ ବିପୁଳ ପରିମାଣରେ ବେଆଇନ କଫ ସିରପ ଜବତ କରିବା ସହ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ବାଲେଶ୍ୱର ଜିଲ୍ଲାର ଔପଦା ଥାନା ଅନ୍ତର୍ଗତ ମାଟିଗଡ଼ଶାସନ (ପ୍ରତାପପୁର) ଗ୍ରାମର ରଜତ କୁମାର କର (୩୯) । ତା ନିକଟରୁ ଏକ ବାଇକ, ୨ଟି ମୋବାଇଲ ଏବଂ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ଜବତ ହୋଇଛି । ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି ।

## ପ୍ରୟାସ ସମ୍ମିଳନୀକୁ ସଂଯୋଗ କରୁଥିବା ରାସ୍ତା ଶୋଚନୀୟ

# ଜଳୁନି ଷ୍ଟ୍ରିଟ୍ ଲାଇଟ୍; ସନ୍ଧ୍ୟାହେଲେ ଅସାମାଜିକଙ୍କ ଭିଡ଼



**ବାରିପଦା, ୯ ।୧(ସମିସ):** ମୁର୍ଗାବାଡ଼ି ସ୍ଥିତ ପ୍ରୟାସ ସମ୍ମିଳନୀ କକ୍ଷକୁ ସଂଯୋଗ କରୁଥିବା ରାସ୍ତାର ଅବସ୍ଥା ମରାମତି ଅଭାବରୁ ବର୍ଷାଧିକାଳ ଅତି ଶୋଚନୀୟ ହୋଇପଡ଼ିଛି । ରାସ୍ତାରୁ ପିଚୁ ଉଠି ଏବେ ଚିପ୍‌ସଗୁଡିକ ଏଣେତେଣେ ବିଛାଡି ହୋଇପଡ଼ିଛି । ଏ ସମ୍ପର୍କରେ ବିଭାଗୀୟ ଅଧିକାରୀ/ଯନ୍ତ୍ରୀ ଜାଣି ମଧ୍ୟ ନିରବଦ୍ରଷ୍ଟା ସାଜିଛନ୍ତି । ଉକ୍ତ ରାସ୍ତା ଦେଇ ମନ୍ତ୍ରୀରୁ ଆରମ୍ଭ କରି ସାଂସଦ, ବିଧାୟକ, ଜିଲ୍ଲାସ୍ତରୀୟ ପ୍ରଶାସନିକ ଅଧିକାରୀ ଯିବାଆସିବା କରୁଥିଲେ ମଧ୍ୟ କାହାର ଦୃଷ୍ଟି ପଡୁନାହିଁ । ଜିଲ୍ଲା ସଦର ମହକୁମା ବାରିପଦା ସହରର ମୁର୍ଗାବାଡ଼ି ଗୋଲେଇ ଠାରୁ ପ୍ରୟାସ ସମ୍ମିଳନୀ କକ୍ଷକୁ ସଂଯୋଗ କରୁଥିବା ରାସ୍ତାରେ ଅନେକ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟ ରହିଛି । ଏମପିସି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସରକାରୀ ମହିଳା ମହାବିଦ୍ୟାଳୟର ଛାତ୍ରୀ ନିବାସ, ଜିଲ୍ଲା ଯୋଜନା ଓ ପରିସଂଖ୍ୟାନ କାର୍ଯ୍ୟାଳୟ, ସମବାୟ କାର୍ଯ୍ୟାଳୟ, ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ, ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ର, ବାରିପଦା ପ୍ଲାନିଂ କାର୍ଯ୍ୟାଳୟ, ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ, ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ର, ମିଶନ ଶକ୍ତି କ୍ୟାଣ୍ଟିନ, ବିଦ୍ୟାଳୟ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀଙ୍କ ସରକାରୀ କ୍ୱାଟର ରହିଛି । ଉକ୍ତ ରାସ୍ତା ଉପରେ ପ୍ରତିଦିନ ଅନେକ ଲୋକ ନିର୍ଭର କରିଥାନ୍ତି । ଏଥି ସହିତ ଅଧିକାଂଶ ଦିନ ପ୍ରୟାସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେବାକୁ ଉକ୍ତ ରାସ୍ତା ଦେଇ ସଭିଏଁ ଯାଇଥାନ୍ତି । ମାତ୍ର ରାସ୍ତାର ଶୋଚନୀୟ ଅବସ୍ଥା ପ୍ରତି କାହାରି ନିଘା ନାହିଁ । ଦୀର୍ଘ ଏକ ବର୍ଷ ହେଲା ଏହି ରାସ୍ତା ଖାଲଖମାରେ ଭର୍ତ୍ତି ହୋଇ ରହିଛି । ଫଳରେ ସ୍ଥାନୀୟ ଲୋକମାନେ ନାହିଁ ନଥିବା ହଇରାଣ ହେଉଛନ୍ତି । ବର୍ଷାଦିନେ ରାସ୍ତାର ସ୍ଥିତି ଆହୁରି ଅସମ୍ଭାଳ ହେଉଛି । ରାସ୍ତାରେ ବର୍ଷା ପାଣି ମଧ୍ୟ ଜମି ରହୁଥିବା ବେଳେ ବାଇକ ଚାଳକମାନେ ଖାଲରେ ପଡ଼ି ଖଣ୍ଡିଆ ଖବରା ହେଉଛନ୍ତି । ଏଥିସହିତ ଉକ୍ତ ରାସ୍ତାରେ ଷ୍ଟ୍ରିଟ ଲାଇଟ ଲାଗିଥିଲେ ମଧ୍ୟ ମରାମତି ଅଭାବରୁ ଅନେକ ଜଳୁନାହିଁ । ଫଳରେ ସନ୍ଧ୍ୟା ହେଲେ ଅସାମାଜିକଙ୍କ ଭିଡ ଜମୁଛି । ଅନ୍ଧାରରେ ସୁଯୋଗ ନେଇ ଚୋରି, ଛିନତାଇ ସହିତ ଅସାମାଜିକ ଯୁବକଙ୍କ ପାଇଁ ନିଶା ସେବନ ପାଇଁ ସୁନ୍ଦର ସ୍ଥାନରେ ପରିଣତ ହୋଇଛି । ତେଣୁ ରାସ୍ତା ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି ।

# ରାସାୟନିକ ବିପର୍ଯ୍ୟୟ ପ୍ରସ୍ତୁତି ପାଇଁ ଟେବୁଲ ଟପ୍ ଅଭ୍ୟାସ




**ବାରିପଦା, ୯ ।୧୨(ସମିସ):** ମଙ୍ଗଳବାର ରାସାୟନିକ ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧୀୟ ଏକ ଟେବୁଲ ଟପ ଅଭ୍ୟାସ ବାରିପଦା ସ୍ଥିତ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି । ଡେପୁଟି କଲେକ୍ଟର ସୁଶ୍ରୀ ଶ୍ରଦ୍ଧା ସୁମନ ଡାଏନା ଫୋମ୍ସ ଇଣ୍ଡଷ୍ଟ୍ରି, ରାସାୟନିକ ବିପର୍ଯ୍ୟୟ ପରିଚାଳନାର ମକଡ୍ରିଲ ନିମନ୍ତେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ସୁଶ୍ରୀ ସୁମନ କଣ୍ଟ୍ରୋଲ ରୁମ, ଟ୍ରାଇଜଡ ସେଣ୍ଟର, ରିଲିଫ ସେଣ୍ଟର, ପ୍ରଦୂଷଣ ସ୍ଥାନ, ନାଲି, ହଳଦିଆ ସବୁଜ ଜୋନ୍ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ୍ରାଫ, ଅଗ୍ନିଶମ, ପୁଲିସ, ସୂଚନା ଓ ଲୋକସମ୍ପର୍କ, ମହିଳା ଏବଂ ଶିଶୁ ବିକାଶ, ଗ୍ରାମୀଣ ଜଳ ଯୋଗାଣ ଏବଂ ପରିମଳ ବିଭାଗ, ଯୋଗାଣ ଆଦି ବିଭାଗ ପକ୍ଷରୁ ନିଆଯାଇଥିବା ପ୍ରସ୍ତୁତି ଉପରେ ଆଲୋଚନା କରିଥିଲେ । ଡାଏନା ଫୋମ୍ସ ଇଣ୍ଡଷ୍ଟ୍ରିର ମ୍ୟାନେଜିଂ ଡାଇରେକ୍ଟର ଟି.କେ ବିଜୟନ ଇଣ୍ଡଷ୍ଟ୍ରି ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିବା ସହିତ ବ୍ୟବହୃତ କେମିକାଲର ପ୍ରଭାବ ଉପରେ ସୂଚନା ଦେଇଥିଲେ । ଏଥି ସହିତ ଶ୍ରୀ ବିଜୟନ ଇଣ୍ଡଷ୍ଟ୍ରିର ମାନକ ଅପରେଟିଂ ପଦ୍ଧତି ସମସ୍ତ ଉପସ୍ଥାପନ କରିଥିଲେ । ସୂଚନା ଥାଉକି, ଏହି ମକ ଡ୍ରିଲ ଆସନ୍ତା ୧୧ ତାରିଖରେ ରାଇରଙ୍ଗପୁରରେ ଅତିରିକ୍ତ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ । ଆଜି କାର୍ଯ୍ୟକ୍ରମକୁ ଡିପିଓ ଜଗବନ୍ଧୁ ମହାନ୍ତି ସଂଯୋଜନା କରିଥିଲେ ।

# ଏମ୍‌ପିସି କଲେଜ ୧୯୮୨-୮୬ ବ୍ୟାଚର ବନ୍ଧୁମିଳନ



**ବାରିପଦା, ୯ ।୧(ସମିସ):** ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟର ୧୯୮୨-୮୬"ବ୍ୟାଚର ୬ଷ୍ଠତମ ବାର୍ଷିକ ବନ୍ଧୁ ମିଳନ ଗୁରୁଜି ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ"ରାଜ୍ୟ ତଥା ରାଜ୍ୟ ବାହାରେ ଓ ବିଦେଶରେ ବିଭିନ୍ନ ସରକାରୀ ଏବଂ ବେସରକାରୀ"ଅନୁଷ୍ଠାନଗୁଡିକରେ ପ୍ରତିଷ୍ଠିତ ହୋଇପାରିଥିବା ପୁରାତନ ଛାତ୍ର ଛାତ୍ରୀ ମାନେ ଯୋଗ"ଦେଇଥିଲେ । ନିଜ ଛାତ୍ର ଜୀବନର ଅଭୁଲା ସ୍ମୃତି ମନେପକାଇ ଭାବ ବିନିମୟ କରିଥିଲେ ।"ପ୍ରାରମ୍ଭରେ ବିଦେଶରୁ ଆସିଥିବା ସୁପ୍ରଭା ମିଶ୍ର, ମୈତ୍ରୀ ନନ୍ଦ, ସୁଜାତାଦାଶ ମହାପାତ୍ର ଏବଂ"ନୂତନ ଭାବେ ଯୋଗ ଦେଇଥିବା ରଞ୍ଜୀତା ଦାଶ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ପରେ"ତାରାପ୍ରସାଦ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ଦିବ୍ୟଗତ ଛାତ୍ର"ଛାତ୍ରୀ ପ୍ରତିମାନ ଦାସ, ସଞ୍ଜିତ ଷଡଙ୍ଗୀ, ସରୋଜ ପଟ୍ଟନାୟକ.ମନୋଜ ମାଝୀ, ସିପ୍ରା ଗରେଇ"ସ୍ୱାଶତୀ ମହାନ୍ତି ପ୍ରମୁଖଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇ ନୀରବ ପ୍ରାର୍ଥନା କରାଯାଇଥିଲା ।"ଏହାପରେ ପୁରାତନ ଛାତ୍ର ଛାତ୍ରୀ ଶ୍ରୀ ବୁଲୁ ମହାନ୍ତ, ମୈତ୍ରୀ ନନ୍ଦ, ତାରାପ୍ରସାଦ ଦାସ, ଦିପ୍ତି"ମିଶ୍ର, ଅଶୋକ ଅଗ୍ରୱାଲ, ଅନୀତା ମହାନ୍ତି ପ୍ରମୁଖ ସଙ୍ଗୀତ ଗାନ କରିଥିଲେ । କୁନା ମହାନ୍ତି, "ସୁବାଶ ପ୍ରଧାନ, ସଞ୍ଜୟ ଅଗ୍ରୱାଲ, ଶ୍ୟାମସୁନ୍ଦର ଭଞ୍ଜର, ସୁରେନ୍ଦ୍ର ସାହୁ, ଚିନ୍ମୟ ସିହ୍ନା ପ୍ରମୁଖ"କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ ଓ ଶେଷରେ ସୁହାତା ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ"ଦେଇଥିଲେ ।

# ଏମସିଏଏମରେ ସେୟାର ବଜାର ଉପରେ ଆଲୋଚନାଚକ୍ର

**ବାରିପଦା, ୯ ।୧(ସମିସ):** ବାରିପଦା ସ୍ଥିତ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସୀ ଆଣ୍ଡ ମ୍ୟାନେଜମେଣ୍ଟ ସଭାଗୃହରେ ଭାରତୀୟ ସେୟାର ବଜାର ଉପରେ ଏକ ଆଲୋଚନାଚକ୍ର ଅଧକ୍ଷ ପ୍ରଦୀପ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀ ସେୟାର ବଜାରରେ କିପରି ଇନଭେଷ୍ଟ କରାଯାଏ ସେ ନେଇ ଜାଣିବାର ଆବଶ୍ୟକତା ରହିଛି । ତେଣୁ ମହାବିଦ୍ୟାଳୟ ତରଫରୁ ଏଭଳି ଏକ ଆଲୋଚନା ଚକ୍ର ଆୟୋଜନ କରାଯାଇଥିଲା । ସେବୀ (ସିକ୍ୟୁରିଟିଜ ଏକ୍ସଚେଞ୍ଜ ବୋର୍ଡ଼ ଅଫ ଇଣ୍ଡିଆ)ର ମାଷ୍ଟର ଟ୍ରେନର ରଘୁନନ୍ଦନ ପଟ୍ଟନାୟକ ମୁଖ୍ୟଅତିଥି ଓ ସଂଗ୍ରାମ ସାହୁ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସେୟାର ବଜାର ଉପରେ ବୁଝାଇଥିଲେ । ।ତୀୟ ସେବା ଯୋଜନା ଅଧିକାରୀ ମୋଦନ ମୋହନ ସାହୁ ଅତିଥି ପରିଚୟ ଓ ବାଣିଜ୍ୟ ବିଭାଗ ମୁଖ୍ୟା ସବିତା ରାଣୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।



# ସିଜେଏମ୍‌ଙ୍କ ବେତନଟୀ ଗସ୍ତ

**ବେତନଟୀ, ୯ ।୧(ସମିସ):** ମୟୂରଭଞ୍ଜ ଜିଲ୍ଲାର ଚିଫ ଜୁଡିସିଆଲ ମାଜିଷ୍ଟ୍ରେଟ (ସିଜେଏମ) ବାସୁଦେବ ଆଚାର୍ଯ୍ୟ ମଙ୍ଗଳବାର ବେତନଟୀ ଜେଏମଏଫସି କୋର୍ଟ ଗସ୍ତକରି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଶ୍ରୀ ଆଚାର୍ଯ୍ୟ ବେତନଟୀ ଜେଏମଏଫସି କୋର୍ଟର ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିବା ସମୟରେ ବିଚାରପତି ଏ. ଅବିନାଶ ନାଇଡୁ ଉପସ୍ଥିତ ଥିଲେ ।

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱ ବାଳକୃଷ୍ଣ ବେରଦଲେଇ
ଅମଲାଭଟା, କେନ୍ଦୁଝର
ଆବିର୍ଭାବ: ୧୮.୦୪.୧୯୬୫
ତିରୋଧାନ: ୧୦.୦୧.୨୦୦୯

ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ ଉଜ୍ଜ୍ୱଳ ଚିନ୍ତାଧାରା ଆମ୍ଭ ମାନଙ୍କ ହୃଦୟର ଅନ୍ତରରେ ଚିର ସ୍ମରଣୀୟ ହୋଇ ରହିବ। ଆପଣଙ୍କ କୃପା ଆଶିଷ ଆମ୍ଭ ଉପରେ ସଦେବ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ ପରିବାର
ପତ୍ନୀ- ବିନୋଦିନୀ ବେରଦଲେଇ,
ପୁତ୍ର- ସନ୍ଦୀପ ଦଳେଇ, ଝିଅ - ଇପସିତା ଦଳେଇ, ଝାଇଁ - ନବୀନ ରାଜୁ

## ଜିଲ୍ଲାରେ ସରକାରୀ ମଣ୍ଡିର ଧାନ ସଂଗ୍ରହ ନିରୁତ୍ସାହଜନକ

# ମାସକରେ ୧୬ ପ୍ରତିଶତ ଲକ୍ଷ୍ୟ ହାସଲ

**ବାରିପଦା, ୯ ।୧(ସମିସ)**



**ଚାଉଳ ସଂଗ୍ରହ କମିବା ଆଶଙ୍କା**

ଚଳିତ ଖରିଫ ଋତୁ ୨୦୨୩-୨୪ ପାଇଁ ସରକାରୀ ଭାବେ ମଣ୍ଡିରୁ ଧାନ ସଂଗ୍ରହ ଡିସେମ୍ବର ୧୧ତାରିଖରୁ ଆରମ୍ଭ ହୋଇଛି ; ଯାହାକି ଏକ ମାସ ପୂରିଛି । ଏହି ମାସକ ମଧ୍ୟରେ ସରକାରୀ ମଣ୍ଡି ପକ୍ଷରୁ ଧାନ ସଂଗ୍ରହ ଉତ୍ସାହ ଜନକ ହୋଇନି । ଅମଳ ଶେଷ ସମୟରେ ବର୍ଷା ପାଇଁ ଚାଷୀ ଧାନ ଅମଳ ବିଳମ୍ବ ପାଇଁ ଏପରି ହୋଇଛି କୁହାଯାଉଥିବା ବେଳେ ଚାଷୀ ସରକାରୀ ମଣ୍ଡି ପରିବର୍ତ୍ତେ ଗାଁ ବେପାରୀଙ୍କୁ ଧାନ ବିକ୍ରି କରିଥିବା ଚର୍ଚ୍ଚା ହେଉଛି । ଚଳିତ ବର୍ଷ ସରକାରୀ ଧାର୍ଯ୍ୟମୂଲ୍ୟ ପାଖପାଖି ଦରରେ ଗାଁ ବେପାରୀ ଚାଷୀଙ୍କ ଜମି ଓ ଘରୁ ଧାନ କିଣି ନେଉଥିବା କୁହାଯାଉଛି । ଫଳରେ ସରକାରୀ ମଣ୍ଡିରେ ଧାନ କ୍ରୟ ନିରୁତ୍ସାହଜନକ ହୋଇଛି । ମୟୂରଭଞ୍ଜ ଜିଲ୍ଲାରେ ଗଣପର୍ବ ମକର ପୂର୍ବରୁ ପ୍ରାୟତଃ ଧାନ ବିକ୍ରି ପରିମାଣ ସରକାରୀ ଭାବେ ଭଲ ରହିଥାଏ । ପରନ୍ତୁ ଏଥର ପୂର୍ବ ବର୍ଷ ତୁଳନାରେ ପଛରେ ରହିଛି । ସୂଚନା ଅନୁସାରେ, ୨୦୨୩-୨୪ ଖରିଫ୍ ବର୍ଷରେ ଜିଲ୍ଲାରେ ସର୍ବମୋଟ୍ ୫୪, ୦୫୦ ଜଣ ଧାନ ଉତ୍ପାଦକ ଚାଷୀ ପଞ୍ଜୀକରଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୫୪, ୦୨୬ ଜଣ ଚାଷୀ ବିକ୍ରୟ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ମଣ୍ଡିକୁ ଧାନ ଆସିବାର ଯଥା ସମୟ ପୂର୍ବରୁ ଚାଷୀଙ୍କୁ ଟୋକେନ୍ ଦେବାର ବ୍ୟବସ୍ଥା କରାଯାଇଛି । 'ଫାଷ୍ଟ କମ୍ ଫାଷ୍ଟ ପ୍ରିଫରେନ୍ସ' ଦ୍ୱାରା ଏହି ଧାନ ସଂଗ୍ରହ ୧୦୦ଟି ମଣ୍ଡିରେ ଆରମ୍ଭ ହୋଇଛି । ଜିଲ୍ଲାର ୧୬ଟି ମିଲର ୧୬ ଲକ୍ଷ ମେଟ୍ରିକ ଟନ ସରକାରୀ ଭାବେ ଧାନ କିଣିବା ଲକ୍ଷ୍ୟଧାର୍ଯ୍ୟ ଥିବା ବେଳେ ମାସକରେ ମାତ୍ର ୧୬ ପ୍ରତିଶତ ସଫଳତା ମିଳିଛି । ୧୬ଟି ମିଲର ମଧ୍ୟରୁ ସିଦ୍ଧିବିନାୟକ ଆଗ୍ରୋ ଇଣ୍ଡଷ୍ଟ୍ରି ସର୍ବାଧିକ ଧାନ କ୍ରୟ ସହିତ ଯୋଗାଣ ବିଭାଗକୁ ଦ୍ୱିତୀୟ ସର୍ବାଧିକ ଚାଉଳ ମଧ୍ୟ ପ୍ରଦାନ କରିଛି । ସଂଗୃହୀତ ଧାନରୁ ଉତ୍ପାଦନ ୬୦ ପ୍ରତିଶତ ଚାଉଳ ଯୋଗାଣ ବିଭାଗକୁ ପ୍ରଦାନ ନିୟମ ରହିଛି । ଏହି ମିଲ ଚଳିତ ବର୍ଷ ୧୧ହଜାର ୧୯୪ ମେଟ୍ରିକ ଟନ ଧାନ କିଣିବା ଲକ୍ଷ୍ୟ ରହିଥିବା ବେଳେ ମାସକ ମଧ୍ୟରେ ୫୫ ହଜାର ୮୯୪.୧୪ କୁଇଣ୍ଟାଲ ଧାନ କିଣି ସାରିଛି । ନିୟମ ଅନୁଯାୟୀ, ୩୮ ହଜାର ୮.୦୨ କୁଇଣ୍ଟାଲ ଚାଉଳ ଯୋଗାଣ ବିଭାଗକୁ ଦେବା ସ୍ଥାନରେ ୯ହଜାର ୪୬୦.୭୬ କୁଇଣ୍ଟାଲ ଅର୍ଥାତ ୨୪.୯ ପ୍ରତିଶତ ଚାଉଳ ଦେଇଛି । ଏହା ତଳକୁ ଜଗଦମ୍ବା ରାଇସ ମିଲ ଥିବା ବେଳେ ଅନ୍ୟ ମିଲର ତଳକୁ ତଳ ରହିଛନ୍ତି । ଜଗଦମ୍ବା ରାଇସ ମିଲ ଚଳିତ ବର୍ଷ ୯ହଜାର ୪୬୪ ମେଟ୍ରିକ ଟନ ଧାନ କିଣିବା ଲକ୍ଷ୍ୟ ରହିଥିବା ବେଳେ ମାସକ ମଧ୍ୟରେ ୪୪ହଜାର ୩୯୬.୯୯ କୁଇଣ୍ଟାଲ ଧାନ କିଣି ସାରିଛି । ନିୟମ ଅନୁଯାୟୀ ୩୦ହଜାର ୧୮୯.୯୫ କୁଇଣ୍ଟାଲ ଚାଉଳ ଯୋଗାଣ ବିଭାଗକୁ ଦେବା ସ୍ଥାନରେ ୮ହଜାର ୫୮୧.୩୭ କୁଇଣ୍ଟାଲ ଅର୍ଥାତ ୨୮.୪ ପ୍ରତିଶତ ଚାଉଳ ଦେଇଛି । ଅପରପକ୍ଷରେ ୧୬ଟି ମିଲରଙ୍କ ମଧ୍ୟରୁ ୮ତାରିଖ ମଧ୍ୟରେ ସାଇ ଆଗ୍ରିଟେକ ଓ ମଙ୍ଗଳ ପ୍ରସାଦ ରାଇସ ମିଲ ଯୋଗାଣ ବିଭାଗକୁ ଆଦୌ ଚାଉଳ ଦେଇନାହିଁ । ଜିଲ୍ଲାରେ ମକର ସମୟରେ ସିଂହ ଭାଗ ଧାନ ବିକ୍ରୟ ଶେଷ ହେଉଥିବାବେଳେ ଚଳିତବର୍ଷ କ୍ରୟ ହିସାବକୁ ନେଲେ ସରକାରୀ ଧାର୍ଯ୍ୟ ପୂରଣ ଆଶଙ୍କା ପ୍ରକାଶ ପାଇଛି । ମିଲରମାନେ ଧାନ କିଣିବା କମିଲେ ଯୋଗାଣ ବିଭାଗ ପକ୍ଷରୁ ଚାଉଳ ସଂଗ୍ରହ ହ୍ରାସ ପାଇବ । ମୟୂରଭଞ୍ଜ ଜିଲ୍ଲାରେ ଯୋଗାଣ ବିଭାଗ ଚାଉଳ ପାଇଁ ଏହା ପୂର୍ବରୁ ଅନ୍ୟ ଜିଲ୍ଲା ବା ରାଜ୍ୟ ଉପରେ ନିର୍ଭର କରେନାହିଁ । ପରନ୍ତୁ ଚଳିତ ବର୍ଷର ଧାନ କିଣା ନିରୁତ୍ସାହ ଜନକ ସମସ୍ତଙ୍କୁ ଚିନ୍ତାରେ ପକାଇଛି । ସରକାରୀ ମଣ୍ଡି ପରିବର୍ତ୍ତେ ଗାଁ ବେପାରୀଙ୍କ ଜରିଆରେ ମାତ୍ରାଧିକ ଧାନ ପଶ୍ଚିମବଙ୍ଗକୁ ଚାଲାଣ ହେବା ଏହାର କାରଣ ବୋଲି କୁହାଯାଉଛି ।

# ଅପହୃତା ନାବାଳିକା ଉଦ୍ଧାର; ଅପହରଣକାରୀ ଗିରଫ

**ବାରିପଦା, ୯ ।୧(ସମିସ):** ଜନୈକା ଅପହୃତା ନାବାଳିକାକୁ ବାରିପଦା ଟାଉନ ଥାନା ପୁଲିସ ଉଦ୍ଧାର କରିଛି । ତତ୍‌ସହିତ ଅପହରଣକାରୀ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଟାଉନ ଥାନା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ନାବାଳିକା ଅପହରଣ ନେଇ ଥାନାରେ ହୋଇଥିବା ଅଭିଯୋଗକୁ ଭିତ୍ତିକରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତକତପୁର ଅଞ୍ଚଳରୁ ପୀଡିତା ନାବାଳିକାକୁ ଉଦ୍ଧାର କରି ଯୁବକକୁ ଗିରଫ ପରେ ଉଭୟଙ୍କ ଡାକ୍ତରୀ ମାଇନା କରାଯାଇଥିଲା । ନାବାଳିକାକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଗିରଫ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଥିବାର ସୂଚନା ରହିଛି ।

**ADMISSION IS GOING ON**
**GAYATRI SCHOOL & COLLEGE OF NURSING**
Under Gayatri Charitable Trust, Baripada
For the Course : ANM, GNM & B.Sc. Nursing
**B.Sc. Nursing**
Eligibility: +2 Science with Biology (PCB)
**ANM & GNM**
(Eligibility: +2 in any stream with minimum 40% marks for ST & SC Students & Minimum 45% marks for General category
Facilities: 1) Stipend for ST & SC students, 2) Separate Hostel for Boys & Girls, 3) A.C. Class Room & AC Lab, 4) Highly Qualified & Experience Faculties, 5) 100% Job security for our Pass out Students, 6) Scholarship for the students secured more than 80% Marks.
Sd/- Secretary
Contact
9438477846/9438160121/9337006245

### ପୌରନିର୍ବାହୀ ଅଧିକାରୀଙ୍କୁ ହତ୍ୟା ଉଦ୍ୟମ ଘଟଣା

## ଜେଲ ଗଲା ଅଭିଯୁକ୍ତ ଅଭିଷେକ

**ବଡ଼ବିଲ, ୯।୧(ସମିସ):** କେନ୍ଦୁଝର ଜିଲ୍ଲା ବଡ଼ବିଲ ପୌର କାର୍ଯ୍ୟାଳୟ ଭିତରେ ପଶି ନିର୍ବାହୀ ଅଧିକାରୀଙ୍କୁ ପେଟ୍ରୋଲ ଢାଳି ପୋଡି ମାରିବାକୁ ଚେଷ୍ଟା କରିବା ଘଟଣାରେ ଅଭିଯୁକ୍ତକୁ ଆଜି କୋର୍ଟଚାଲାଣ କରାଯାଇଥିବା ଜଣାପଡିଛି। ଗତକାଲି ସାନ୍ଧ୍ୟ ପ୍ରାୟ ୫.୩୦ ମିନିଟ ସମୟରେ ଅଭିଷେକ ଗୁପ୍ତା ନାମକ ଯୁବକ ନିଜ ଘର ସମ୍ମୁଖ ସରକାରୀ ଜମିରେ ଥିବା ଦୋକାନ ଘର ଉଚ୍ଛେଦ ନ ହେବାରୁ ଅସନ୍ତୋଷ ପ୍ରକାଶ କରି ବଡ଼ବିଲ ପୌରନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡାଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇବାକୁ ଚେଷ୍ଟା କରିଥିଲା। ତେବେ ଶ୍ରୀ ପଣ୍ଡା ଚିତ୍କାର କରିବା ସହ ତାଙ୍କ ଚାମ୍ବରରୁ ବାହାରି ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ସେଠାରେ ଉପସ୍ଥିତ ପୌର କର୍ମଚାରୀ ଅଭିଯୁକ୍ତ ଯୁବକ ଅଭିଷେକକୁ କାବୁ କରି ବଡ଼ବିଲ ପୁଲିସର ଜିମା ଦେଇଥିଲେ। ନିର୍ବାହୀ ଅଧିକାରୀଙ୍କ ଲିଖିତ ଅଭିଯୋଗ କ୍ରମେ ବଡ଼ବିଲ ପୁଲିସ ତଦନ୍ତ କରି ଅଭିଯୁକ୍ତ ଆଣିଥିବା ବ୍ୟାଗ, ଦୁଇଟି ବୋତଲ, ଲାଇଟରକୁ ଜବତ କରିଛି। ଅଭିଯୁକ୍ତ ପୌରା କାର୍ଯ୍ୟାଳୟକୁ ଏକା ଆସିଥିଲେ ନା ତାଙ୍କ ସହିତ ଆଉ କେହିଥିଲେ ଏବଂ ସେ କେଉଁଥିରେ ଆସିଥିଲେ ଜଣାପଡିନାହିଁ। ସେହିପରି ପ୍ରମାଣ ସ୍ୱରୂପ ପେଟ୍ରୋଲରେଭିଜିଥିବାନିର୍ବାହୀଅଧିକାରୀଙ୍କସାର୍ଟସ୍ୱେଟରଜବତ କରି ଆଜି ଅଭିଯୁକ୍ତ ଅଭିଷେକ ଗୁପ୍ତାକୁ କେଶ ନଂ ୧୩/୨୪ରେ ମାମଲା ରୁଜୁ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି।

### ନାବାଳିକାଙ୍କ ମୃତଦେହ ଉଦ୍ଧାର ଘଟଣା

# ଅଭିଯୁକ୍ତ ନାବାଳକ ସ୍ୱାମୀ ଗିରଫ

### ପୁଲିସ୍ ସହ ଯାଇ ସିନ୍ ରିକ୍ରିଏସନ୍ କଲା ଅଭିଯୁକ୍ତ

**ବଡ଼ବିଲ, ୯।୧(ସମିସ)**

କେନ୍ଦୁଝର ଜିଲ୍ଲା ବଲାଣି ଥାନା ବାଲାଗୋଡ଼ା ବସ୍ତି ଲାଲଡ୍ୟାମ ନିକଟରେ ଥିବା ଝରଣା ପାଖରୁ ଉଦ୍ଧାର ହୋଇଥିବା ମୃତଦେହ ଘଟଣାର ପର୍ଦ୍ଦାଫାଶ ହୋଇଛି। ହତ୍ୟାକାଣ୍ଡ ଭିଆଇଥିବା ନାବାଳକ ସ୍ୱାମୀକୁ ବଲାଣି ବସ୍ତି, ଓଏମସି ହଟିଂରୁ ଗିରଫ କରି ଆଜି ଘଟଣାର ସିନ୍ ରିକ୍ରିଏସନ୍ କରିଛି ପୁଲିସ୍। ଅଭିଯୁକ୍ତ କିପରି ହତ୍ୟାକାଣ୍ଡ ଘଟାଇଲା ସେ ନେଇ ଘଟଣାସ୍ଥଳରେ ପହଞ୍ଚି ସବୁ କିଛି ଦେଖାଇଥିଲା। ପ୍ରାପ୍ତସୂଚନା ଅନୁଯାୟୀ, ଗତ ପ୍ରାୟ ଏକମାସ ପୂର୍ବେ ବଲାଣି ଡିପାସାହିର ବାପ ଛେଉଣ୍ଡ ୧୫ ବର୍ଷୀୟା ନାବାଳିକା ହୀରାମୋତି ସିଂଙ୍କୁ ବଲାଣି ବସ୍ତି ଓଏମ୍ସି ହଟିଂର ୧୬ ବର୍ଷିୟ ନାବାଳକ ମୁଣ୍ଡରେ ସିନ୍ଦୂର ଦେଇ ପ୍ରେମ ବିବାହ କରିଥିଲା। ତେବେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହେଇଥିବାରୁ ହୀରାମତି ତାଙ୍କ ବାପ ଘରେ ରହୁଥିଲେ। ଗତ ଡିସେମ୍ବର ୩୧ ତାରିଖରେ ସ୍ତ୍ରୀ ହୀରାମୋତି ଘରେ ନାଚ ଗୀତରେ ମସଗୁଲ ଥିଲା ବେଳେ ରାତି ପ୍ରାୟ ୮ଟାରେ ନାବାଳକ ସ୍ୱାମୀ ସ୍ତ୍ରୀକୁ ଫୋନ୍ କରି ଡାକିଥିଲେ। ଏହା ପରେ ଉଭୟ



ସେଠାରୁ ବାଲାଗୋଡ଼ା ବସ୍ତି ପାଖ ଲାଲଡ୍ୟାମ୍ ନିକଟକୁ ଯାଇଥିଲେ। ଉଭୟ ବିଷ ଖାଇ ଜୀବନ ହାରିବାକୁ ନିଷ୍ପତ୍ତି ନେଇ ନାବାଳକ ସ୍ୱାମୀ ସାଥିରେ ନେଇଥିବା ଏକ ବିଷ ବୋତଲ ବାହାରକରି ପ୍ରଥମେ ଅଳ୍ପ କିଛି ବିଷ ପାନ କରିବା ସହିତ ସ୍ତ୍ରୀ ହୀରାମୋତିକୁ ବିଷ ପିଇବାକୁ ଦେଇଥିଲେ। ତେବେ ହୀରାମୋତି ବିଷ ପିଇବାକୁ ମନା କରିଦେବାରୁ ନାବାଳକ ସ୍ୱାମୀ ଉତ୍କ୍ଷିପ୍ତ ହୋଇ ପ୍ରଥମେ ହୀରାମୋତି ପିନ୍ଧିଥିବା ଶାଢ଼ିର କାନୀକୁ ଧରି ତାଙ୍କ ବେକକୁ ଯୋରରେ ଭିଡ଼ି ଦେଇଥିଲେ। ସେ ସଂଜ୍ଞାହୀନ ହୋଇ ତଳେ ପଡ଼ିଯିବା ପରେ ଏକ ବଡ଼ ପଥର ଉପରେ ମୁଣ୍ଡକୁ ରଖି ଅନ୍ୟ ଏକ ପଥରରେ ନିର୍ମମ ଭାବରେ ଛେଚିଛେଚି ମାରି ଦେଇଥିଲା। ଅଳ୍ପ ଦୂରରେ ଥିବା ବୁଦା ଭିତରକୁ ନେଇ ମୃତଦେହ ଫୋପାଡି ଦେଇଥିଲେ। ତେବେ ସେ ପିଇଥିବା ବିଷର ପ୍ରଭାବ କମ୍ ଥିବାରୁ ତାଙ୍କର କିଛି ବି ହୋଇ ନଥିଲା। ୨ ଦିନ ପରେ ନାବାଳିକାଙ୍କ କ୍ଷତାକ୍ତ ଗଳିତ ମୃତଦେହ ପୁଲିସ୍ ଉଦ୍ଧାର କରିଥିଲା। ଘଟଣାସ୍ଥଳରୁ ମିଳିଥିବା ଚପଲ, ମୋବାଇଲ ଫୋନ୍‌କୁ ଜବତ୍ କରି ତଦନ୍ତ କରିବା ପରେ ଘଟଣାର ଖୁଲାସା ହୋଇଛି। ତେବେ ଘଟଣା ସମ୍ପର୍କରେ ବଲାଣି ପୁଲିସ୍ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଛି।

## ଷ୍ଟାର୍ଟ ମାରୁମାରୁ ଜଳିଗଲା ବାଇକ୍



**ବଡ଼ବିଲ, ୯।୧(ସମିସ):** କେନ୍ଦୁଝର ଜିଲ୍ଲା ବାଲାଣି ଥାନା ଅନ୍ତର୍ଗତ ଗୁରୁଦ୍ୱାରା ରୋଡ଼ରେ ରହୁଥିବା ଉପେନ୍ଦ୍ର ସିଂଙ୍କ ଏକ ହୋଣ୍ଡା ଷ୍ଟେନର ବାଇକ୍ ପୋଡ଼ି ପାଉଁଶ ହୋଇଯାଇଛି। ସୂଚନା ଅନୁଯାୟୀ ଆଜି ଦିନ ପ୍ରାୟ ୧୧ଟା ସମୟରେ ବାଇକ ନଂ ଓଆର୦୯ ସି୪୩୫୪ଟିକୁ ଷ୍ଟାର୍ଟ କରୁ କରୁ ହଠାତ୍ ବାଇକ୍‌ରୁ ଧୂଆଁ ବାହାରିବା ସହିତ ନିଆଁ ଲାଗିଯାଇଥିଲା। ଦେଖୁ ଦେଖୁ ବାଇକ୍‌ଟି ହୁତୁ ହୁତୁ ହୋଇ ଜଳିବାକୁ ଲାଗିଥିଲା। ସ୍ଥାନୀୟଲୋକେ ପାଣି ପକାଇ ନିଆଁକୁ ଆୟତ୍ତ କରିଥିଲେ ହେଁ ବାଇକ୍‌ଟି ସଂପୂର୍ଣ୍ଣ ଜଳିଯାଇଥିଲା। ସର୍ଟସର୍କିଟ କାରଣରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ ହେଉଛି।

### ୧୧୦ ଲିଟର ମହୁଲି, ୩୦ ବୋତଲ ବିଦେଶୀ ମଦ ଜବତ

## ୬ ମଦ ବେପାରୀ, ୧୪ ଅଭିଯୁକ୍ତ ଗିରଫ

**ବାଲିବନ୍ଧ, ୯।୧(ସମିସ):** ଆକ୍ସନ ମୋଡରେ ଝୁମ୍ପୁରା ପୁଲିସ୍। ଝୁମ୍ପୁରା ଥାନାରେ ନୂତନ ଭାବେ ଯୋଗ ଦେଇଥିବା ଥାନା ଅଧିକାରିଣୀ ସମବାରୀ ହାଁସଦାଙ୍କ ନେତୃତ୍ୱରେ ଗଠିତ ଏକ ପୁଲିସ ଟିମ୍ ଆକ୍ସନ ମୋଡରେ କାର୍ଯ୍ୟ ଜାରି ରଖିଛି। ଝୁମ୍ପୁରା ଥାନା ଅଞ୍ଚଳ ତଥା ଝୁମ୍ପୁରା ବଜାରର ବିଭିନ୍ନ ସ୍ଥାନରେ ଘନ ଘନ ଚଢ଼ଉ ସହିତ ପାଟ୍ରୋଲିଂ ଜାରି ରହିଛି। ଫଳରେ ଝୁମ୍ପୁରା ବଜାର ତଳି ଅଞ୍ଚଳ ଓ ବଜାରର ତେଜରାତି ଦୋକାନ ଓ ହୋଟେଲ ଗୁଡିକରେ ବିକ୍ରି ହେଉଥିବା ଦେଶୀ ଓ ବିଦେଶୀ ମଦ ବେପାରୀମାନଙ୍କ ମଧ୍ୟରେ ଛନକା ପଶିଛି। ଝୁମ୍ପୁରା ପୁଲିସ ପକ୍ଷରୁ ୫ରୁ ୮ ତାରିଖ ମଧ୍ୟରେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୧୧୦ଲିଟର ମହୁଲି ମଦ, ୩୦ ବୋତଲ ବିଦେଶୀ ମଦ ଜବତ କରିବା ସହିତ ୬ଜଣ ମଦବେପାରୀ ଓ ୧୪ଜଣ ପୁରୁଣା ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେହିପରି ବାଇକ୍ ଚାଳକଙ୍କ ହେଲମେଣ୍ଟ ଓ ଚାରିଚକିଆ ଯାନ ଚେକିଂ କରି ଗୋଟିଏ ଦିନରେ ୧୭ ଗୋଟି ବାଇକ୍ ଓ ୪ଟି କାର୍‌ରୁ ୨୭ହଜାର ଟଙ୍କା ଜରିମାନ ଆଦାୟ କରାଯାଇଥିବା ଥାନା ଅଧିକାରିଣୀ ସମବାରୀ ହାଁସଦା ସୂଚନା ଦେଇଛନ୍ତି।

## ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମିଳିବ ମଧ୍ୟାହ୍ନ ଭୋଜନ

ହାଟଡିହି, ୯।୧(ସମିସ): ଏଣିକି ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ପାଇବେ ମଧ୍ୟାହ୍ନ ଭୋଜନ। କେନ୍ଦୁଝର ଜିଲ୍ଲାରେ ଡିଏମ୍ଏଫ୍ ଯୋଜନାରେ ଏହି ମଧ୍ୟାହ୍ନ ଭୋଜନ ଯୋଗାଇ ଦିଆଯିବ। ହାଟଡିହି ବ୍ଲକର ୪୬ଟି ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀର ୪୫୬୯ ଜଣ ଛାତ୍ରଛାତ୍ରୀ ଏଥିରେ ସାମିଲ ହେବେ। ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଦେବା ପାଇଁ ବିଭିନ୍ନ ସମୟରେ ଦାବି ହୋଇଆସୁଥିଲା। ରାଜ୍ୟର କେନ୍ଦୁଝର ଜିଲ୍ଲାର ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଆରମ୍ଭ ହେବାକୁ ଯାଉଥିବାରୁ ଏହା ଜିଲ୍ଲା ପ୍ରଶାସନର ଏକ ବଡ ପଦକ୍ଷେପ ବୋଲି କୁହାଯାଉଛି। ଏହାକୁ ନେଇ ବିଭିନ୍ନ ମହଲ ତଥା ଅଭିଭାବକ ମହଲରେ ସ୍ୱାଗତ ଓ ପ୍ରଶଂସା କରାଯାଇଛି। ସୂଚନା ଯୋଗ୍ୟ ଏହି ବ୍ଲକର ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ୨୦,୩୭୦ ଜଣ ଛାତ୍ରଛାତ୍ରୀ ମଧ୍ୟାହ୍ନ ଭୋଜନରେ ସାମିଲ ହୋଇଛନ୍ତି। ଏହାକୁ ନେଇ ବିଇଓଙ୍କୁ ପଚାରିବାରୁ ଖୁବଶିଘ୍ର ନବମ ଓ ଦଶମ ଶ୍ରେଣୀ ।ତ୍ରଛାତ୍ରୀଙ୍କ ପାଇଁ ମଧ୍ୟାହ୍ନ ଭୋଜନ ଦିଆଯିବ। ଏଥିପାଇଁ ବିଦ୍ୟାଳୟରେ ଅନୁଦାନ ଅର୍ଥ ଜମା ହୋଇଯାଇଛି ବୋଲି କହିଛନ୍ତି।

● ପଟିଲୋ -ଦାନ୍ତିଆ ଅଞ୍ଚଳରୁ ମୋରମ୍ ଲୁଟ୍ ଘଟଣା

## ବନାଞ୍ଚଳ ସୁରକ୍ଷିତ ଥିବା ସ୍ପଷ୍ଟ କଲା ବନ ବିଭାଗ

**ଘସିପୁରା, ୯ ।୧(ସମିସ):** ପଟିଲୋ-ଦାନ୍ତିଆ ଅଞ୍ଚଳରୁ ଗତ କିଛି ଦିନ ହେଲା ରାତିଅଧିଆ ବେପରୁଆ ଭାବେ ମୋରମ ଚୋରାଚାଲାଣ ଘଟଣାରେ ସ୍ଥାନୀୟ ବନପାଳ ମଳୟକୁମାର ସାହୁ ନିଜର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ତାଙ୍କ କହିବା କଥା ପଟିଲୋ ଜଙ୍ଗଲ ଅଞ୍ଚଳ ସମ୍ପୁର୍ଣ୍ଣ ସୁରକ୍ଷିତ ଅଛି। ମୋରମ ଚାଲାଣ ହେଉଥିବା ଅଞ୍ଚଳ ତାଙ୍କ ଅଧୀନରେ ଆସୁନାହିଁ। ବିଭାଗ ପକ୍ଷରୁ ବନାଞ୍ଚଳର ପତିତ ଜମିରେ ସହସ୍ରାଧିକ ବୃକ୍ଷରୋପଣ କରାଯାଇ ନୂତନ ଜଙ୍ଗଲ ସୃଷ୍ଟି ସହ ସବୁଜୀମା ପରିବେଶ ସୃଷ୍ଟି କରାଯାଇଛି। ପଟିଲୋ ସରକ୍ଷିତ ଜଙ୍ଗଲ ଚର୍ତୁପାର୍ଶ୍ୱରେ ଅହରହ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରାଯାଉଛି। ଏଥିରେ ବନ କର୍ମଚାରୀ ସହିତ ସ୍ଥାନୀୟ ବନସୁରକ୍ଷା ସମିତି ସଦସ୍ୟମାନଙ୍କ ସହଯୋଗ ମିଳୁଛି। ପୂର୍ବାପେକ୍ଷା ଜଙ୍ଗଲ ସୁରକ୍ଷାରେ ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗ କରୁଛନ୍ତି।

## ମନ୍ଦିର ରୀତିନୀତି ନେଇ ସମୀକ୍ଷା ବୈଠକ

**ଘସିପୁରା, ୯ ।୧(ସମିସ):** କେନ୍ଦୁଝର ଜିଲ୍ଲାର ସର୍ବପୁରାତନ ପ୍ରସିଦ୍ଧ ଶୈବପୀଠ ଘସିପୁରା ବ୍ଲକ ଦେଓଗାଁ କୁଶଳେଶ୍ୱର ମହାଦେବଙ୍କ ଦୈନିକ ପୂଜା ରୀତିନୀତି ଏବଂ ଦିଅଁଙ୍କ ବିଭିନ୍ନ ପାରିପାର୍ଶିକ ଉନ୍ନତି କାର୍ଯ୍ୟକୁ ଆହୁରି ଶାଣିତ ଏବଂ ସରଳ ସୁନ୍ଦର କରିବାକୁ କୁଶଳେଶ୍ୱର ବ୍ରାହ୍ମଣ ସମାଜ ତଥା ନିଯୋଗ ପକ୍ଷରୁ ଏକ ଜରୁରୀ ବୈଠକ କୋଠ ତହସିଲଦାର ଉମାକାନ୍ତ ବେହେରାଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇ ଯାଇଛି। ନିଯୋଗର ସଭାପତି କାଳନ୍ଦି ଚରଣ ଦାସ, ମାୟାଧର ପଣ୍ଡା, ବସନ୍ତ ପଣ୍ଡା, ନିତିଶ କୁମାର ପତି, ରମେଶକୁମାର ପତି, କେଶବକୃଷ୍ଣ ଆଚାର୍ଯ୍ୟ, ବଳରାମ ପାଣିଗ୍ରାହୀ, ହଳଧର ଆଚାର୍ଯ୍ୟ, ଧର୍ମାନନ୍ଦ ପତି, ରନନ୍ଦ ପାଣିଗ୍ରାହୀ, ପ୍ରଦିପ ପଣ୍ଡା, ଗିରିଧାରୀ ଦାସ, ଚିତ୍ତରଞ୍ଜନ ପତି ସମେତ ଅନେକ ସଦସ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଶେଷ ଭାବେ ଆଗାମୀ ମକର ସଂକ୍ରାନ୍ତି ଠାରୁ କୁଶଳେଶ୍ୱର ମହାଦେବଙ୍କ ଅନ୍ନପ୍ରସାଦ ବିକ୍ରି ହେବ ବୋଲି ବ୍ରାହ୍ମଣ ନିଯୋଗ ପକ୍ଷରୁ ନିଷ୍ପତି ହୋଇଛି। ମକର ସଂକ୍ରାନ୍ତି ଏବଂ ଶିବ ଜାଗର ସମୟରେ ମନ୍ଦିର ନୀତି କାନ୍ତି ଶୃଙ୍ଖଳିତ କରିବା ସହ ଦିଅଁ ଦର୍ଶନ ସୂଚାରୁପେ ସାରିବାକୁ ଆଲୋଚନା ହୋଇଥିଲା। ନିର୍ଦ୍ଧାରିତ ସମୟ ପୂର୍ବରୁ ମନ୍ଦିର ରୂପାନ୍ତରିଣ କାର୍ଯ୍ୟ ସାରିବାକୁ ମଧ୍ୟ ପ୍ରସ୍ତାବ ଉଠିଥିଲା। କୁଶଳେଶ୍ୱର ମହାଦେବ ଜିଲ୍ଲାର ଏକ ପ୍ରମୁଖ ତଥା ସର୍ବ ପୁରାତନ ମନ୍ଦିର ହୋଇଥିବାରୁ ଏହାର ସାମଗ୍ରିକ ବିକାଶ ସହ ପୁନଃରୁଦ୍ଧାର ହେବା ସହ ପୁରାତନ ବାମ୍ଫିକୁ କାର୍ଯ୍ୟକ୍ଷମ କରାଯିବାକୁ ମତ ପ୍ରକାଶ ପାଇଥିଲା।

## ଧାନ ବିକି ନପାରି ଚାଷୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ଚମ୍ପୁଆ, ୯।୧(ସମିସ): ଚମ୍ପୁଆ ଏନ୍ଏସି ଅନ୍ତର୍ଗତ ପାଞ୍ଚପୋଖରିଆ ଗ୍ରାମର ଚାଷୀ ଅରୁଣ ନାଏକ ନିର୍ଦ୍ଧାରିତ ସମୟରେ ଧାନ ମଣ୍ଡିରେ ଧାନ ବିକ୍ରି କରିବାରେ ବଞ୍ଚିତ ହେବାରୁ ଜିଲ୍ଲାପାଳଙ୍କ ଶୁଣାଣିରେ ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଏଆର୍‌ସିଏସ୍ ମଙ୍ଗଲ ସୋରେନ ଚାଷୀ ଓ ଲ୍ୟାମ୍ପ କର୍ମଚାରୀଙ୍କୁ ଡାକି ଘଟଣାର ତଦନ୍ତ କରିଛନ୍ତି। ଚାଷୀଙ୍କ ଅଭିଯୋଗ ଅନୁସାରେ ଚାଷୀ ଜଣଙ୍କ ନିର୍ଦ୍ଧାରିତ ରଜିଆ ମଣ୍ଡି ଠାରେ ଧାନ ବିକ୍ରି ପାଇଁ ଗତ ଡିସେମ୍ବର ୨୭ ତାରିଖ ମୋବାଇଲ ଯୋଗେ ମେସେଜ ପାଇଥିଲେ। ମାତ୍ର ୭ ତାରିଖ ପର୍ଯ୍ୟନ୍ତ ଏ ନେଇ ଚାଷୀ ଜଣଙ୍କ ବାରମ୍ବାର ଲ୍ୟାମ୍ପ କର୍ମଚାରୀଙ୍କ ସହ ଯୋଗାଯୋଗ ରଖିଥିଲେ ମଧ ତାଙ୍କ ଠାରୁ ଧାନ କିଣିବାକୁ କୌଣସି ପ୍ରକାର ଡାକରା ମିଳିନଥିଲା। ଫଳରେ ଚାଷୀ ଜଣଙ୍କ ବହୁ ହୀନସ୍ତା ହେବା ସହିତ ରଜିଆ ମଣ୍ଡିକୁ ଦୌଡ଼ି ଦୌଡ଼ି ନିଅନ୍ତା ହେବା ପରେ ଗତ ୮ ତାରିଖ ଜିଲ୍ଲାପାଳଙ୍କ ଶୁଣାଣିରେ ଅଭିଯୋଗ କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଶ୍ରୀ ସୋରେନ ଆଜି ଦିନ ୧୧ଟା ସମୟରେ ନିଜ କାର୍ଯ୍ୟାଳୟରେ ଉଭୟ ଚାଷୀ ଓ ଲ୍ୟାମ୍ପ କର୍ମଚାରୀଙ୍କୁ ଡକାଇ ଘଟଣାର କାରଣ ସମ୍ବନ୍ଧରେ ଜାଣିବାକୁ ଚାହିଁଥିଲେ। ଚାଷୀ ଜଣକ ଘଟଣା ବିଷୟରେ ସବିଶେଷ ସୂଚନା ଶ୍ରୀ ସୋରେନଙ୍କୁ ଅବଗତ କରିବା ପରେ ଚାଷୀଙ୍କ ଠାରୁ



ଆସନ୍ତାକାଲି ଧାନ କିଣିବାକୁ ଲ୍ୟାମ୍ପ କର୍ମଚାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ସୂଚନା ଯୋଗ୍ୟକି ନିର୍ଦ୍ଧାରିତ ଦିନ ଗୁଡିକରେ ଏହି ମଣ୍ଡିରୁ ୧୨ ଶହ କ୍ୱିଣ୍ଟାଲ ଧାନ କିଣାଯିବାର ବ୍ୟବସ୍ଥା ରହିଛି।

## ଶ୍ରୀ ମା'କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



**ତେଲକୋଇ, ୯।୧(ସମିସ):** ତେଲକୋଇ ବ୍ଲକ ଜଗମୋହନପୁର ପଞ୍ଚାୟତ ସରୁଆଳି ଗ୍ରାମ ଖେଳପଡିଆ ଠାରେ ଚଳିତ ବର୍ଷ ଶ୍ରୀମା' ଯୁବକ ସଂଘ ପକ୍ଷରୁ ୧୮ ତମ ବାର୍ଷିକ ଶ୍ରୀମା' କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଅଞ୍ଚଳରୁ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ରବିବାର ଫାଇନାଲ ମ୍ୟାଚରେ ଶ୍ରୀ ମା' କ୍ରିକେଟ କ୍ଲବ ସରୁଆଳି କ୍ରିକେଟ କ୍ଲବ ବମ୍ପରଡ଼ା (ଦେବଗଡ଼) କ୍ରିକେଟ କ୍ଲବକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଉଦ୍‌ଯାପିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ତଥା ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଧନୁର୍ଜୟ ସିଦ୍ଧୁ ଯୋଗ ଦେଇଥିବା ବେଳେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ୨୫ନଂ ଜିଲ୍ଲା ପରିଷଦ ସଭ୍ୟ ଅରୁଣ ବାରିକ, ବାଂଶପାଳ ବ୍ଲକ ଅଧକ୍ଷ ମାନସ ଦେହୁରୀ, ସରପଞ୍ଚ ଗୋବିନ୍ଦ ପଧାନ, ପାଙ୍ଗେଲା ମୁଣ୍ଡା, ସମିତି ସଭ୍ୟ ଶତ୍ରୁଘ୍ନ ନାୟକ, ଅନନ୍ତ ବେହେରା, ସାମ୍ବାଦିକ ଡମ୍ବରୁ ଧର ଖୁଣ୍ଟିଆ, ମାନସ ରଞ୍ଜନ ବାରିକ ଯୋଗ ଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ଅର୍ଥ ରାଶି ପ୍ରଦାନ କରିଥିଲେ। ଏହି ଖେଳକୁ ନୀଳାଦ୍ରି ଖିଲାର, ସବ୍ୟସାଚୀ ପଲେଇ, ଅଜିତ ପଲେଇ ଓ ବାପୁନ୍ ପଲେଇ ଖେଳ ପରିଚାଳନା କରିଥିଲେ। ଉକ୍ତ ଖେଳକୁ ଯୁବକ ସଂଘର ସଭାପତି ବସନ୍ତ କୁମାର ବାରିକ, ସମ୍ପାଦକ ହଳଧର ହଳଧର ସାଲିମା, କପିଳେନ୍ଦ୍ର ଖୁଣ୍ଟିଆ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ବନବିଭାଗ ପକ୍ଷରୁ ଅନୁକମ୍ପା ମେଳା

**ପାଟଣା/ତୁରୁମୁଙ୍ଗା, ୯।୧ (ସମିସ):** ପାଟଣା ବନ ବିଭାଗ ପକ୍ଷରୁ ଏକ ଅନୁକମ୍ପା ମେଳା ସାହାରପଡା ବ୍ଲକ ଅନ୍ତର୍ଗତ ଡାଲପକା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପାଟଣା ବନାଞ୍ଚଳ ଅଧିକାରୀ ବନବିହାରୀ ସର୍ଦାରଙ୍କ ସଭାପତିତ୍ୱରେ ଆୟୋଜିତ ସଭା ରେ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ଚମ୍ପାବତି ଟୁଡୁ, ସ୍ଥାନୀୟ ସରପଞ୍ଚ ଟୁନି ସିଂ, ସମିତି ସଭ୍ୟ ଦୀପକ କୁମାର ମହାନ୍ତ, ସାହାରପଡା ବନପାଳ ଭୂପତି ସେଠୀ ପ୍ରମୁଖ ଯୋଗ ଦେଇ ବନ୍ୟ ପ୍ରାଣୀଙ୍କ ସୁରକ୍ଷା ଓ ଜଙ୍ଗଲର ଉପକାରିତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ବନ୍ୟ ପ୍ରାଣୀଙ୍କ ଦ୍ୱାରା କ୍ଷୟକ୍ଷତି ଘଟିଲେ କିଭଳି ଭାବେ କ୍ଷତିପୂରଣ ମିଳିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା।

## ପୁରୁଣା ଅଭିଯୁକ୍ତ ଗିରଫ

**ତୁରୁମୁଙ୍ଗା, ୯।୧ (ସମିସ):** ତୁରୁମୁଙ୍ଗା ପୁଲିସ ମଙ୍ଗଳବାର ରାଜନଗର ପଞ୍ଚାୟତ ରାଇକଳା ଗ୍ରାମର ରଙ୍ଗାଧର ଦେହୁରୀ (୩୫)କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଜିଲ୍ଲା ପୁଲିସ ପକ୍ଷରୁ ଚାଲିଥିବା ୱାରେଣ୍ଟି ଧରା ଅଭିଯାନରେ ତୁରୁମୁଙ୍ଗା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତିଙ୍କ ନେତୃତ୍ୱରେ ଚଢଉ କରାଯାଇଥିଲା। ତାଙ୍କ ନାମରେ ୩ଟି ଜାମିନ ବିହୀନ ଗିରଫ ପରୱାନା ଜାରି ହୋଇଥିଲା। ସେ ବିଭିନ୍ନ ଡକାୟତି ମାମଲାରେ ଜଡ଼ିତ ରହି ଫେରାରଥିଲେ। ତୁରୁମୁଙ୍ଗା ଥାନା ଏଏସ୍ଆଇ ନରେଶ କୁମାର ଓରାମ ଓ ଅନ୍ୟ ଷ୍ଟାଫ୍ ସାହାରପଡ଼ା ନିକଟ ରାସ୍ତାରୁ ରଙ୍ଗାଧରଙ୍କୁ କାବୁ କରିଥିଲେ। ସମ୍ପୃକ୍ତ ଯୁବକଙ୍କୁ ଅଦାଲତଙ୍କ ସମ୍ମୁଖରେ ହଜାର ପରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ଖେଳ ପଡ଼ିଆ ଉନ୍ନତିକରଣ ଦାବି

**ହାଟଡିହି, ୯।୧(ସମିସ):** ହାଟଡିହି ବ୍ଲକ ଶାସଙ୍ଗ ଗ୍ରାମରେ ଖେଳ ପଡିଆର ଉନ୍ନତି କରଣ ପାଇଁ ଗ୍ରାମର ଯୁବ ଗୋଷ୍ଠି ବିଡିଓଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ସ୍ଥାନୀୟ ଯୁବଗୋଷ୍ଠୀ ଦୀର୍ଘ ୩ବର୍ଷ ହେଲା ଖେଳ ପଡିଆ ଅର୍ଦ୍ଧନିର୍ମିତ ହୋଇ ପଡିରହିଛି। ଆଜି ପର୍ଯ୍ୟନ୍ତ ଏହାର ପୁର୍ଣ୍ଣାଙ୍ଗ ପାଇଁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଯେଉଁଥିପାଇଁ ଗ୍ରାମର ଯୁବକ ମାନେ ଖେଳାଖେଳି କରିବାରେ ନାନା ଅସୁବିଧାରେ ସମ୍ମୁଖିନ ହେଉଛନ୍ତି। ଏହାକୁ ନେଇ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ସରପଞ୍ଚଙ୍କ ସହିତ କଥା ହୋଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଯୁବ ଗୋଷ୍ଠୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

## ଚୋରା ମଦ ବିକ୍ରି ବନ୍ଦ ପାଇଁ ଜୋରଦାର ଚଢ଼ଉ

**ଚମ୍ପୁଆ, ୯।୧(ସମିସ):** ଚମ୍ପୁଆ ଏସ୍‌ଡିପିଓ ଅଧୀନରେ ଥିବା ଚମ୍ପୁଆ, ରିମୁଳି, ବାରିଆ, ଝୁମ୍ପୁରା, ତୁରୁମୁଙ୍ଗା ଅଞ୍ଚଳରେ ବଢୁଥିବା ଚୋରା ମଦ ବିକ୍ରି ରୋକିବା ପାଇଁ ପୁଲିସ ପକ୍ଷରୁ ଜୋରଦାର ଚଢ଼ଉ କରାଯାଇଛି। ମିଳିଥିବା ସୂଚନା ଅନୁସାରେ ଚମ୍ପୁଆ ଏସ୍‌ଡିପିଓ ଅଧୀନରେ ଥିବା ସମସ୍ତ ଥାନା ଅଞ୍ଚଳରେ ବିଭିନ୍ନ ସମୟରେ ଚଢ଼ଉ କରାଯାଇ ଅସାମାଜିକ ତତ୍ତ୍ୱ ଉପରେ ଅଙ୍କୁଶ ଲଗାଇବାକୁ ଚେଷ୍ଟା ଆରମ୍ଭ କରାଯାଇଥିବା ବେଳେ ଚୋରାରେ ବିକ୍ରି ହେଉଥିବା ମଦ ଜବତ କରାଯିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଉଛି। ଗତ ୪ରୁ ୮ ତାରିଖ ମଧ୍ୟରେ ଚମ୍ପୁଆ ଥାନା ପକ୍ଷରୁ ୧୩ ଗୋଟି ଅବକାରୀ ମାମଲା, ୧୯୫ ଲିଟର ଦେଶୀ ମଦ ସହ ୭ ଲିଟର ୫୭୦ ମିଲିଲିଟର ବିଦେଶୀ ମଦ ଜବତ କରାଯାଇଥିବା ବେଳେ ୧୪ ଜଣ ଅଭିଯୁକ୍ତକୁ ଧରାଯାଇଛି। ତୁରୁମୁଙ୍ଗା ଥାନା ପକ୍ଷରୁ ୮ ଗୋଟି ଅବକାରୀ ମାମଲା କରାଯାଇ ୧୧୦ ଲିଟର ଦେଶୀ ମଦ ଓ ୧୦ ଲିଟର ୩୪୦ ମିଲି ଲିଟର ବିଦେଶୀ ମଦ ଜବତ କରାଯିବା ସହ ୧୪ ଜଣ ଅଭିଯୁକ୍ତଙ୍କୁ ଧରାଯାଇଥିବା ବେଳେ ବାରିଆ ଥାନା ପକ୍ଷରୁ ୯ ଗୋଟି ଅବକାରୀ ମାମଲା କରାଯାଇ ୮୩ ଲିଟର ଦେଶୀ ମଦ ଓ ୧୨ ଲିଟର ବିଦେଶୀ ମଦ ଜବତ କରାଯାଇଛି ଏବଂ ୧୦ ଜଣ ୱାରେଣ୍ଟିଙ୍କୁ ଧରାଯାଇଛି। ସେହିପରି ଝୁମ୍ପୁରା ଥାନା ପକ୍ଷରୁ ୮ ଗୋଟି ଅବକାରୀ ମାମଲା କରାଯାଇ ୮୬ ଲିଟର ଦେଶୀ ମଦ ଓ ୪ ଲିଟର ବିଦେଶୀ ମଦ ଜବତ କରାଯାଇଥିବା ବେଳେ ୧୫ ଜଣ ୱାରେଣ୍ଟିଙ୍କୁ ଧରାଯାଇଛି। ଅନ୍ୟପକ୍ଷରେ ଏମ୍‌ଭି ଚେକିଂ ମାଧ୍ୟମରେ ୩୪,୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା ବେଳେ ମଦ୍ୟପାନ କରି ଗାଡ଼ି ଚଳାଉଥିବା ଜଣଙ୍କୁ ଗିରଫ କରାଯାଇଛି ଏବଂ ଗୋଟିଏ ବୋଲେରୋକୁ ଜବତ କରାଯାଇଛି। ସ୍ଥାନିୟ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରଖିବା ଏବଂ ବଢୁଥିବା ଦୁର୍ଘଟଣାକୁ ବନ୍ଦ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ସହିତ ଏମ୍‌ଭି ଚେକିଂରେ ଗାଡି ଗୁଡିକୁ ଜବତ କରାଯାଇ କାଗଜପତ୍ର ଯାଞ୍ଚ ପରେ ଛଡ଼ାଯାଉଛି ଓ ସ୍ଥାନିୟ ଅଞ୍ଚଳର ଗଣପର୍ବ ମକର ଏବଂ ଆଗାମୀ ନିର୍ବାଚନକୁ ଆଖିଆଗରେ ରଖି ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ବେଳେ ଆଗାମୀ ଦିନରେ ଏହାକୁ ବ୍ୟାପକ କରାଯିବ ବୋଲି ଚମ୍ପୁଆ ଉପଖଣ୍ଡ ପୁଲିସ ଅଧିକାରୀ ବିଜୟ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

● ଜିଲ୍ଲା ଟ୍ରକ୍ ମାଲିକ ସଂଘ ନିର୍ବାଚନ ପ୍ରସଙ୍ଗ

## ଆଇଜିଆର୍‌ଙ୍କୁ ଭେଟିଲେ ସ୍ୱତନ୍ତ୍ର ଟିମ୍

**ଆନନ୍ଦପୁର, ୯।୧(ସମିସ):** ବହୁ ବାଦବିବାଦ ସତ୍ତ୍ୱେ କେନ୍ଦୁଝର ଜିଲ୍ଲା ଟ୍ରକ୍ ମାଲିକ ସଂଘ ନିର୍ବାଚନ ପ୍ରସଙ୍ଗରେ ଟ୍ରକ୍ ମାଲିକମାନଙ୍କ ଏକ ସ୍ୱତନ୍ତ୍ର ଟିମ୍ ପୂର୍ବତନ ସଭାପତି ରାମଚନ୍ଦ୍ର ଭୂୟାଁଙ୍କ ନେତୃତ୍ୱରେ ପୂର୍ବତନ କୋଷାଧ୍ୟକ୍ଷ ପ୍ରଭାତ ରାଉତ, ଆୟସକାନ୍ତ ପଟ୍ଟନାୟକ, ଅଜୟ ମିଶ୍ର, ସୁଶାନ୍ତ ସାହୁ ଇନ୍ସପେକ୍ଟର ଜେନେରାଲ ରେଜିଷ୍ଟ୍ରେସନକୁ ସାକ୍ଷାତ କରି ନିର୍ବାଚନ ସମ୍ପର୍କରେ ଆଲୋଚନା କରିଥିବା ଜଣାଯାଇଛି। ଏହି ନିର୍ବାଚନ ପାଇଁ ବିଭିନ୍ନ ମହଲରେ ଉତ୍କଣ୍ଠା ପ୍ରକାଶ ପାଇଥିବା ବେଳେ ଏନେଇ ହୋଇଥିବା ମାମଲା ଖାରଜ ହୋଇଯିବାରୁ ଟ୍ରକ୍ ମାଲିକ ସଂଘ ନିର୍ବାଚନ ପାଇଁ ବାଟ ଫିଟିଛି। ସଂଘ ମଧ୍ୟରେ ବିବାଦ ହେବାରୁ ପ୍ରଥମେ ଉଚ୍ଚ ନ୍ୟାୟାଳୟରେ ମାମଲା ହୋଇଥିଲା। ନ୍ୟାୟାଳୟ ନିର୍ବାଚନ କରାଇବାକୁ ଆଇଜିଆର୍‌ଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ଆଇଜିଆର୍ କର୍ତ୍ତୃପକ୍ଷ ନିଜର ଅକ୍ଷମତା ପ୍ରକାଶ କରି ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ମାମଲା ଖାରଜ ହୋଇଯାଇଥିବାରୁ ଟ୍ରକ୍ ମାଲିକ ସଂଘ ନିର୍ବାଚନ ପାଇଁ ଥିବା ସମସ୍ୟା ଦୂର ହୋଇଥିବା କୁହାଯାଉଛି। ଇନ୍ସପେକ୍ଟର ଜେନେରାଲ ରାଜ୍ୟ ସରକାରଙ୍କ ଆଇନ ବିଭାଗରୁ ଏହା ଉପରେ ମତାମତ ଗ୍ରହଣ କରିବା ପରେ ଏହି ନିର୍ଦ୍ଦେଶ ବିରୋଧରେ ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ମାମଲାଟି ଖାରଜ ହୋଇଯାଇଥିବାରୁ କେନ୍ଦୁଝର ଟ୍ରକ୍ ମାଲିକମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପହଞ୍ଚିବା ପରେ ନିର୍ବାଚନ ପାଇଁ ପଦକ୍ଷେପ ନିଆଯିବ ବୋଲି ଆଇଜିଆର୍ ସୁବ୍ରତ ଶତପଥୀ ଓ ଅନୁଶାସନ ସଚିବ ସ୍ମିତା ମହାନ୍ତି ପ୍ରକାଶ କରିଛନ୍ତି।



### ଇଂରାଜୀରେ ଦୋକାନର ନାମଫଳକ ଲେଖା

# ରାଜ୍ କଲର୍ ହାଉସ୍‌କୁ ଶ୍ରମ ବିଭାଗର ନୋଟିସ୍

**ଚମ୍ପୁଆ, ୯।୧(ସମିସ)**

ସରକାରଙ୍କ ପକ୍ଷରୁ ଓଡ଼ିଆ ଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ ନିଆଯାଇଥିବା ପଦକ୍ଷେପ ସ୍ୱରୂପ ସମସ୍ତ ସରକାରୀ ବେସରକାରୀ ସଂସ୍ଥା ଗୁଡ଼ିକରେ ଓଡ଼ିଆ ନାମଫଳକ ଲେଖିବା ଏକପ୍ରକାର ବାଧ୍ୟତାମୂଳକ କରାଯାଇଛି। ଓଡିଶା ସରକାର ଗତ ତା. ୩୦-୫-୨୦୧୮ ରିଖରେ ଏ ନେଇ ବିଜ୍ଞପ୍ତି ପ୍ରକାଶ କରିଥିଲେ। ବାଣିଜ୍ୟ ପ୍ରତିଷ୍ଠାନରେ ସ୍ପଷ୍ଟ ଭାବରେ ଓଡ଼ିଆ ନାମଫଳକ ଲେଖିବାକୁ ଏଥିରେ ନିର୍ଦ୍ଦେଶ ରହିଥିଲା। ମାତ୍ର ବହୁ ସ୍ଥାନରେ ଓଡ଼ିଆରେ ନାମଫଳକ ଲେଖାକୁ ଅଣଦେଖା କରାଯାଉଥିବା




ନେଇ ଶ୍ରମ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ନୋଟିସ୍ କରାଯାଉଛି। ସୂଚନା ଅନୁସାରେ ଚମ୍ପୁଆ ଶ୍ରମ ଅଧିକାରୀ ବୃନ୍ଦାବନ ଜୁଆଙ୍ଗ ଚମ୍ପୁଆ ରିମୁଳି ରାସ୍ତାରେ ରାଜକଲର୍ ହାଉସ୍ ମାଲିକଙ୍କୁ ବ୍ୟବସାୟ ପ୍ରତିଷ୍ଠାନର ନାମଫଳକ ଓଡ଼ିଆରେ ଲେଖା ହୋଇନଥିବାରୁ ନୋଟିସ୍ ଜାରି କରିଛନ୍ତି। ଆସନ୍ତା ୭ ଦିନ ମଧ୍ୟରେ ଉକ୍ତ ଦୋକାନର ନାମଫଳକ ଓଡ଼ିଆରେ ଲେଖିବା ଓ ଏହାର ଏକ ଫଟୋ କପି ଶ୍ରମ କାର୍ଯ୍ୟାଳୟରେ ପେଠ କରିବାକୁ ନିର୍ଦ୍ଦେସ ରହିଛି। ସୂଚନା ଯୋଗ୍ୟକି ଗତ ନଭେମ୍ବର ୨୦୨୩ ମସିହାରେ ୧୫ଟି ନୋଟିସ୍ ଜାରି କରାଯାଇଥିବା ବେଳେ ଡିସେମ୍ବର ମାସରେ ୪ଟି ନୋଟିସ୍ ଜାରି କରାଯାଇଥିଲା। ମାତ୍ର ଜାନୁଆରୀ ୮ ତାରିଖ ସୁଧା ୫ଟି ନୋଟିସ ଜାରି କରାଯାଇଥିବା ଶ୍ରୀ ଜୁଆଙ୍ଗ ସୂଚନା ଦେଇଛନ୍ତି।

## ଫକୀରପୁରରେ ଶ୍ରଦ୍ଧାଞ୍ଜଳି ସଭା

**ଆନନ୍ଦପୁର, ୯।୧(ସମିସ):** ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀଙ୍କ ପିତା ପୋକ ସେଠୀଙ୍କ ଏକାଦଶାହ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା ଓ ଭକ୍ତି ସଂଗୀତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅନ୍ତର୍ଜାତୀୟ ଚାରଣ ଗୋଷ୍ଠୀ କେନ୍ଦୁଝର ଜିଲ୍ଲା ସଂଗଠନ ପକ୍ଷରୁ ଜିଲା ସଂଗଠକ ତପନ କୁମାର ନାୟକଙ୍କ ସଂଯୋଜନାରେ ଚାରଣ ପ୍ରବଚକ ପଣ୍ଡିତ ଶୁକଦେବ ମହାରଣା, ପୁରୀର ପଣ୍ଡିତ ବିପିନି ବିହାରୀ ମହାପାତ୍ର ଯୋଗ ଦେଇ ଶ୍ରୀଜଗନ୍ନାଥ ସଂସ୍କୃତି ଓ ସାରିମାର୍ଥ ଶିକ୍ଷା ଉପରେ ଆଲୋକପାତ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀ, ଜିଲ୍ଲା ବିଜେଡି ସଭାପତି ମାଧବ ସର୍ଦ୍ଦାର, ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା, ଶିଳ୍ପପତି ତାରାରଞ୍ଜନ ପଟ୍ଟନାୟକ, ଜିଲ୍ଲା ବିଜେଡି ଯୁବ ସଭାପତି ରାକେଶ ରାମ, କଣ୍ଠଶିଳ୍ପୀ ମାନସୀ ପାତ୍ର, ଆନନ୍ଦପୁର ପୌର ଅଧ୍ୟକ୍ଷା ରଜନୀରାଣୀ ଖଟୁଆ, ଉପାଧ୍ୟକ୍ଷ ଦୁର୍ଗା ଚରଣ ଦଳେଇ ପ୍ରମୁଖ ଯୋଗ ଦେଇ ସ୍ମୃତିଚାରଣ କରିଥିଲେ।



# ବୁଲିଲା ଅର୍ପଣ ରଥ: 'ଜୟ ଜଗନ୍ନାଥ' ଧ୍ୱନିରେ କମ୍ପିଲା ଗାଁ ଦାଣ୍ଡ







ବେତନଟୀ, ୯।୧(ସମିସ)

ବିଶ୍ୱପ୍ରସିଦ୍ଧ ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ନିମନ୍ତେ ନିମନ୍ତ୍ରଣ ଦେବାକୁ ଆସିଥିବା ଅର୍ପଣରଥର ପଞ୍ଚାୟତ ପରିକ୍ରମା କାର୍ଯ୍ୟକ୍ରମକୁ ସୋମବାର ବେତନଟୀ ବ୍ଲକ କାର୍ଯ୍ୟାଳୟରେ ଶୁଭାରମ୍ଭ କରାଯାଇଛି । ବିଡିଓ ନିର୍ଲିପ୍ତା ମହାନ୍ତିଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା କୌଶଲ୍ୟା ମାଝୀ, ଉପାଧ୍ୟକ୍ଷ ଦେବଦତ୍ତ ତିଆଡ଼ି, ଜୋନ ଜିଲ୍ଲାପରିଷଦ ବିଶ୍ୱନାଥ ହେମ୍ବ୍ରମ, ଜିଲ୍ଲାପରିଷଦ ସଦସ୍ୟା ସବିତା ଦାସ, ସହକାରୀ ଯନ୍ତ୍ରୀ ସୌମ୍ୟଶ୍ରୀ ଭୋଇ, କନିଷ୍ଠଯନ୍ତ୍ରୀ ପ୍ରଶାନ୍ତ ବେହେରାଙ୍କ ସମେତ ଜନପ୍ରତିନିଧି, ମିଶନ ଶକ୍ତି ମହିଳା ଉପସ୍ଥିତ ଥିଲେ । ବ୍ଲକର ୨୪ଟି ପଞ୍ଚାୟତ ନିମନ୍ତେ ୪ଟି ଅର୍ପଣ ରଥ ବାହାରି ପ୍ରତି ଘରୁ ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରୁଛି । ସୋମବାର ମୁକ୍ତାପୁର, ମେର୍ଦା, ଯୁଗୋଳ, ଗଡ଼ଦେଳିଆ ପଞ୍ଚାୟତ ପରିକ୍ରମା କରିଛି । ହଜାର ହଜାର ଶ୍ରଦ୍ଧାଳୁ ଅର୍ପଣ ରଥରେ ଥିବା କଳସରେ ଅକ୍ଷତ, ଗୁଆ, ଫୁଲ ଦେଇ ଧୂପ ଏବଂ ଦୀପ ଦ୍ୱାରା ବନ୍ଦାପନା ପୂର୍ବକ ସ୍ୱାଗତ କରିଥିବା ବେଳେ ଜୟଜଗନ୍ନାଥ ଧ୍ୱନିରେ ଗାଁ ଦାଣ୍ଡ ପ୍ରକମ୍ପିତ ହୋଇଥିଲା ।

**ମହୁଲଡିହା:** ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ପ୍ରତ୍ୟେକ ବ୍ଲକରେ ଜଗତର ନାଥ ଜଗନ୍ନାଥଙ୍କ ଅର୍ପଣ ରଥ ପରିକ୍ରମା କରୁଛି । ଏହି ରଥ ବ୍ଲକ ପରିକ୍ରମା କରି ପ୍ରତ୍ୟେକ ପରିବାରଠାରୁ ଚାଉଳ ଓ ଗୁଆ ସଂଗ୍ରହଣ କରୁଛି । ଗତ ୮ ତାରିଖ ଠାକୁରମୁଣ୍ଡା ବ୍ଲକ ପ୍ରଶାସନ ପକ୍ଷରୁ ବିଡ଼ିଓ ମନୋଜ କୁମାର କାର୍ଜିଙ୍କ ସଂଯୋଜନାରେ ଠାକୁରମୁଣ୍ଡା ପଞ୍ଚାୟତରେ ଶିଶୁ ବିକାଶ ଓ ମିଶନ ଶକ୍ତିମନ୍ତ୍ରୀ ବାସନ୍ତୀ ହେମ୍ବ୍ରମଙ୍କ ଦ୍ୱାରା ଅର୍ପଣ ରଥ ଉଦଘାଟିତ ହୋଇଥିଲା । ସରପଞ୍ଚ ପ୍ରମିଳା ଲୁଗୁନ ଶୁଭ କଳସ ଧରି ଗୁଆ ଚାଉଳ ସଂଗ୍ରହ ଆରମ୍ଭ କରିଥିଲେ । ଏହି ରଥ ବ୍ଲକର ୧୮ଟି ପଞ୍ଚାୟତକୁ ପରିକ୍ରମା କରିବ । ଏବିଡିଓ ଟଙ୍କଧର ମହାନ୍ତ, ସହକାରୀ ଯନ୍ତ୍ରୀ ସୁଭ୍ରା ସ୍ୱାଇଁ, ଏପିଓ ଧାନଚାନ୍ଦ ମହାନ୍ତ, ଠାକୁରମୁଣ୍ଡା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱନାଥ ଶିଆଳ, ଗ୍ରାମ ରୋଜଗାର ସେବକ ରଞ୍ଜିତ ନାଏକ, ଜିଲ୍ଲା ପରିଷଦ ପୂର୍ଣ୍ଣିମା ବାଗସିଂ, ସମିତି ସଭ୍ୟ ଅଜୟ ପଲେଇ, ବିଜେଡି କର୍ମୀ ସମେତ ବହୁ ମହିଳା ଯୋଗଦେଇଥିଲେ ।

**ରାଇରଙ୍ଗପୁର :** ଜଗନ୍ନାଥ ସଂସ୍କୃତିର ପ୍ରଚାର, ପ୍ରସାର, ସଂରକ୍ଷଣ ନିମନ୍ତେ ଓ ସମସ୍ତ ଜନସାଧାରଣଙ୍କୁ ଏହି ପବିତ୍ର ମହାନ ସଂସ୍କୃତି ସହିତ ସାମିଲ କରିବା ଉଦ୍ଦେଶ୍ୟରେ ରାଇରଙ୍ଗପୁର ପୌରାଞ୍ଚଳରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିମନ୍ତେ ଅର୍ପଣ ରଥ ପରିକ୍ରମା କରୁଛି । ଏହି ପୌର ପରିଷଦର ୧୫ଟି ୱାର୍ଡ ପରିକ୍ରମା କରିବ । ପ୍ରତି ଘରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରିବ ଏହି ରଥ । ଏହି କାର୍ଯ୍ୟକ୍ରମ ଆସନ୍ତା ୧୪ ତାରିଖ ମଧ୍ୟରେ ସଂଗ୍ରହ ହୋଇଥିବା ଚାଉଳ ଓ ଗୁଆ ରାଇରଙ୍ଗପୁର ଜଗନ୍ନାଥ ମନ୍ଦିରରେ ଦିଆଯିବ । ପରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ କାର୍ଯ୍ୟକ୍ରମ ଉପଲକ୍ଷେ ମହାପ୍ରଭୁଙ୍କୁ ଅର୍ପଣ ପାଇଁ ପଠାଯିବ । ଅର୍ପଣ ରଥକୁ ରାଇରଙ୍ଗପୁର ପୌରପାଳିକାର ଅଧ୍ୟକ୍ଷ ଅଭିଷେକ ପଟ୍ଟନାୟକ, ମୋରଡା ବିଧାୟକ ରାଜକିଶୋର ଦାସ ଓ ଶକ୍ତି ବିଭାଗର ଉପଦେଷ୍ଟା ଦୀପ୍ତିମାନ ବଳ ପ୍ରମୁଖ ମହାପ୍ରଭୁଙ୍କୁ ଅରୁଆ ଚାଉଳ ଓ ଗୁଆ ଅର୍ପଣ ପୂର୍ବକ ସଂକୀର୍ତ୍ତନ ସହ ଜୟ ଜଗନ୍ନାଥ ଧ୍ୱନିରେ କମ୍ପି ଉଠିଥିଲା । ପୌର ଉପାଧ୍ୟକ୍ଷା ମମିତା ଚୌଧୁରୀ, ସମସ୍ତ କାଉନସିଲର, କାର୍ଯ୍ୟ ନିର୍ବାହୀ ଅଧିକାରୀ ରମେଶ ନାୟକ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ସମେତ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ ।

## ଭାଲୁ କାମୁଡ଼ାରେ ଜଣେ ଗୁରୁତର

**ମହୁଲଡିହା, ୯।୧ (ସମିସ):** ଠାକୁରମୁଣ୍ଡା ବ୍ଲକ ଅଧୀନ ଖଣ୍ଡବନ୍ଧ ପଞ୍ଚାୟତ ରାଇପଦା ବଣସାହିରେ ସ୍ୱର୍ଗତ ରଷି ମହାରଣାଙ୍କ ପୁଅ ଖଇର ମହାରଣା (୫୨) ନିଜ ଘର ପଛ ପଟେ ଜଙ୍ଗଲକୁ ଶୌଚ ହେବା ପାଇଁ ସୋମବାର ଯାଇଥିବାବେଳେ ଏକ ଭାଲୁ ଆକ୍ରମଣ କରିଥିଲା । ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ତେବେ ଭାଲୁ କବଳରୁ କୌଶଳ କ୍ରମେ ବର୍ତ୍ତି ଯାଇ ଖଇର ନିଜ ଘରକୁ ଦୌଡ଼ି ପଳାଇ ଆସିଥିଲେ । ପରେ ତାଙ୍କୁ ପ୍ରଥମେ ଠାକୁରମୁଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ହେଲେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଆନନ୍ଦପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।

## ଭଞ୍ଜସେନାରେ ଯୋଗଦେଲେ ବହୁ ଯୁବକ

**ଉଦଳା, ୯।୧(ସମିସ):** ମୟୂରଭଞ୍ଜର ଅଗ୍ରଣୀ ସମାଜିକ ତଥା ଅଣରାଜନୈତିକ ସଙ୍ଗଠନ ଭଞ୍ଜସେନା ମୁହାଁ ଏବେ ବହୁ ଯୁବପିଢି । ଆଜି ଏହି ପରିପ୍ରେକ୍ଷୀରେ ଉଦଳା ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିସରରେ ବହୁ ଯୁବକ ଜିଲ୍ଲା ଉପାଧ୍ୟକ୍ଷ ଜିତେନ୍ଦ୍ର ହେମ୍ବ୍ରମ ଓ ଉପଖଣ୍ଡ ସଭାପତି ରବିନ ମହାନ୍ତିଙ୍କ ନେତୃତ୍ୱରେ ଭଞ୍ଜସେନାରେ ବିଧିବଦ୍ଧ ଭାବେ ଯୋଗଦାନ କରିଥିଲେ । ଭଞ୍ଜସେନାର ଅଦର୍ଶ ତଥା ମା' ମାଟିର ସୁରକ୍ଷା ପାଇଁ ସମର୍ପିତ ଭାବଧାରାରେ ଅନୁପ୍ରାଣିତ ହୋଇ ଯୋଗ ଦେଇଥିବା ନୂତନ ଯୁବ ସଦସ୍ୟମାନେ ପ୍ରକାଶ କରିଛନ୍ତି । ଯୋଗଦାନ କରିଥିବା ଯୁବ ସଦସ୍ୟମାନେ ହେଲେ ସଞ୍ଜୟ ସାହୁ, ଶ୍ୟାମସୁନ୍ଦର ମୁର୍ମୁ, ସଞ୍ଜୟ ବେଟକର, ସାଇକୃପା ଦାସ, ପିଣ୍ଟୁ ମହାନ୍ତି, ଜଗଦୀଶ ନାଏକ, ମନରଞ୍ଜନ ଜେନା, ରାଜେଶ କୁମାର ସାହୁ, ପ୍ରକାଶ ମଲ୍ଲିକ ପ୍ରମୁଖ ସମେତ ବହୁ ଯୁବକ ଯୋଗ ଦେଇଥିଲେ । ଆଦିବାସୀ ସେଲର ସାଧାରଣ ସମ୍ପାଦକ ସଞ୍ଜୟ ହାଁସଦା, ଜିଲ୍ଲା ସଂଯୋଜକ ଗଜେନ୍ଦ୍ର ମହାନ୍ତି, ଚନ୍ଦନ ସ୍ୱାଇଁ, ସେରାଲ ମୁର୍ମୁ ମଧ୍ୟ ଉପସ୍ଥିତ ଥିଲେ ।

## ଏମସିଏଏମ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ପାଳନ

**ବାରିପଦା, ୯ ।୧(ସମିସ):** ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟନାସୀ ଆଣ୍ଡ ମ୍ୟାନେଜମେଣ୍ଟ (ଏମସିଏଏମ) ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି । ଅଧ୍ୟକ୍ଷ ପ୍ରଦୀପ ନାୟକ ସବୁଜ ପତକା ଦେଖାଇ ରାଲିର ଶୁଭାରମ୍ଭ କରିଥିଲେ । ଶାଗୁଣାବସାଠାରେ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀଙ୍କଦ୍ୱାରା ରାଲି ମାଧ୍ୟମରେ ସଚେତନତା କରାଯାଇଥିଲା । ଗାଡିଚାଳନା ସମୟରେ ହେଲମେଟର ବ୍ୟବହାର, ଦ୍ରୁତଗତିରେ ଗାଡି ନ ଚଲାଇବା, ଟ୍ରାଫିକ ନିୟମ ମାନି ଚାଲିବା ପାଇଁ ପରାମର୍ଶ ଦେଇଥିଲେ । ମୁଖ୍ୟଅତିଥି ଭାବେ ଏସଡିପିଓ ସୁଜିତ ପ୍ରଧାନ, ସବ ଇନିସପେକ୍ଟର ସତ୍ୟନାରାୟଣ ବଳ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଫୁଲ ଏବଂ ଚକଲେଟ ଦେଇ ଚାଳକଙ୍କୁ ନିୟମ ମାନିବାକୁ ଉପଦେଶ ଦେଇଥିଲେ ।

## ୧୭ରେ ଅସ୍ଥି ବିସର୍ଜନ ଉତ୍ସବ

**ବଡସାହି, ୯।୧(ସମିସ):** ବଡସାହି ବ୍ଲକ ଚନ୍ଦନପୁର ପଞ୍ଚାୟତ ଶଙ୍କୁଚା ଗ୍ରାମରେ ମକରପର୍ବ ଅବସରରେ ଆସନ୍ତା ୧୭ ଓ ୧୮ ତାରିଖରେ ଆଦିବାସୀ ବିଧିବିଧାନ ଓ ପରମ୍ପରା ଅନୁଶାରେ ଅସ୍ଥି ବିସର୍ଜନ ଉତ୍ସବ ଅନୁଷ୍ଠିତ ହେବ । ଏହାର ସୁପରିଚାଳନା ପାଇଁ ଏକ ପ୍ରସ୍ତୁତି ବୈଠକ ଅସ୍ଥି ବିସର୍ଜନ କମିଟିର ସଭାପତି ମୋଚିରାମ ସରେନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ହରିଶ୍ଚନ୍ଦ୍ର ମୁର୍ମୁ, ପାର୍ଗାନ କାନ୍ଦ୍ରା ମୁର୍ମୁ, କୋଷାଧ୍ୟକ୍ଷ ରଘୁନାଥ ସରେନ, ଉପଦେଷ୍ଟା ବୁଦ୍ଧିବାସ ଟୁଡ୍ଡୁ, ସନାତନ ମୁର୍ମୁ, ଚୁନୁକୁ ରାମ ମୁର୍ମୁଙ୍କ ସମେତ ଆଖପାଖ ଅଞ୍ଚଳର ମାଝୀ ହାଡାମ ଓ ମାପାଞ୍ଜି ଉପସ୍ଥିତ ହୋଇ ନିଜନିଜର ସୁଚିନ୍ତିତ ମତାମତ ଦେଇଥିଲେ ।

## ସବୁ ଅଙ୍ଗନବାଡି କେନ୍ଦ୍ରକୁ ସଂଯୋଗ ହେବ ବିଦ୍ୟୁତ୍

**ଖୁଣ୍ଟା, ୯।୧(ସମିସ):** ଗୋପବନ୍ଧୁ ନଗର ବ୍ଲକ ଅଧୀନରେ ଥିବା ସମସ୍ତ ଅଙ୍ଗନବାଡି କେନ୍ଦ୍ରକୁ ବିଦ୍ୟୁତ ସଂଯୋଗ କରାଯିବ । ଏ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବ୍ଲକର ଆଇସିଡିଏସ କାର୍ଯ୍ୟାଳୟ ପରିସରରେ ସିଡିପିଓ ସୁଜାତା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଖୁଣ୍ଟା ଉପଖଣ୍ଡ ବିଦ୍ୟୁତ ବିଭାଗର ଏସଡ଼ିଓ ପ୍ରକାଶ ଚନ୍ଦ୍ର ସାହୁ, ଅଧୀକ୍ଷଣ ଯନ୍ତ୍ରୀ ମୁରଲୀ ମନୋହର ପାରୁଆ, ଏମଏନଜିର କ୍ରାନ୍ତିଶେଖର ମହାନ୍ତିଙ୍କ ସମେତ କର୍ମଚାରୀମାନେ ଯୋଗଦେଇଥିଲେ । ବିଦ୍ୟୁତ ସଂଯୋଗ ନ ଥିବା ୯୩ଟି କେନ୍ଦ୍ରର କର୍ମୀମାନେ ସଂଯୋଗ ପାଇଁ ଆବେଦନ କରିଥିବା ବେଳେ ଏଡିଓ ଶ୍ରୀ ସାହୁ ତାହାକୁ ମଞ୍ଜୁର କରିଥିଲେ । ସେଥିମଧ୍ୟରୁ ମଙ୍ଗଳବାର ୩୫ଟି ଅଙ୍ଗନୱାଡ଼ି କେନ୍ଦ୍ରରେ ବିଦ୍ୟୁତ ସଂଯୋଗ କରାଯାଇଥିବା ବେଳେ ଅବଶିଷ୍ଟ ବୁଧବାର ସୁଦ୍ଧା ସଂଯୋଗ ଶେଷ ହେବ ବୋଲି ଏସଡିଓ ଶ୍ରୀ ସାହୁ ପ୍ରକାଶ କରିଛନ୍ତି ।

## ପାଇପ୍ ଲାଇନ୍ ବିଛାଇବା ବେଳେ କଂକ୍ରିଟରାସ୍ତା ଭାଙ୍ଗିବା ଘଟଣା; ମରାମତି କରିବ ଠିକା ସଂସ୍ଥା

**ବେତନଟୀ, ୯ ।୧(ସମିସ):** ବେତନଟୀ ଉପକଣ୍ଠ ଗରୁଡବସାରେ ପାନୀୟଜଳ ପ୍ରକଳ୍ପର ପାଇପ ଲାଇନ ବିଛାଇବା ନିମନ୍ତେ ଜେସିବି ଦ୍ୱାରା ଗାତ ଖୋଳିବା ସମୟରେ କଂକ୍ରିଟରାସ୍ତା ଏବଂ ତୁଳସୀଚଉରା ଭାଙ୍ଗିଯିବା ଘଟଣାର ସୋମବାର ତଦନ୍ତ କରିଛନ୍ତି ଗ୍ରାମ୍ୟ ଜଳଯୋଗାଣ ବିଭାଗର ଅଧିକାରୀ ଇଂ. ଦୁର୍ଯ୍ୟୋଧନ ମୁଣ୍ଡା । ତେବେ ପାଇପଲାଇନ ବିଛାଇବାକୁ ଗାତ ଖୋଳିବା ସମୟରେ ଯେଉସବୁ କ୍ଷୟକ୍ଷତି ହୋଇଛି ତାହା ପାଣିଟାଙ୍କି ନିର୍ମାଣ ଦାୟିତ୍ୱରେ ଥିବା ଠିକାସଂସ୍ଥା ମରାମତି କରିବା ନେଇ ନିଷ୍ପତ୍ତି ହୋଇଛି ବୋଲି ସେ ସୂଚନା ଦେଇଛନ୍ତି । ସଠିଲୋ ସମିତିସଭ୍ୟ କିଶୋର କୁମାର ନାୟକ, ବୁଲୁ ସାହୁ ଏବଂ ଗ୍ରାମବାସୀଙ୍କ ସମେତ ଠିକାସଂସ୍ଥାର କର୍ମଚାରୀମାନେ ଉପସ୍ଥିତ ଥିଲେ । ଆପୋଷ ଆଲୋଚନାପରେ ରାସ୍ତା ମରାମତି ସାଙ୍ଗକୁ ଜନୈକା ବୃଦ୍ଧାଙ୍କ ଭାଙ୍ଗିଯାଇଥିବା ତୁଳସୀଚଉରା ମଧ୍ୟ ଠିକାସଂସ୍ଥା ମରାମତି କରିବ ।

## କୃଷି ପ୍ରଯୁକ୍ତିବିଦ୍ୟା ସଂସ୍ଥା ପକ୍ଷରୁ ପରିଚାଳନା ବୋର୍ଡ ବୈଠକ



**ବାରିପଦା, ୯ ।୧(ସମିସ):** ମୟୂରଭଞ୍ଜ ଜିଲ୍ଲାରେ କୃଷି ଏବଂ ଚାଷର ଉତ୍ତମ ପରିଚାଳନା ପାଇଁ ମଙ୍ଗଳବାର ୩୩ତମ ପରିଚାଳନା ବୋର୍ଡ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାରେ କୃଷି ପ୍ରଯୁକ୍ତିବିଦ୍ୟା ପରିଚାଳନା ସଂସ୍ଥା ପକ୍ଷରୁ ସମସ୍ତ ଯଥାରୀତି କାର୍ଯ୍ୟାବଳୀ ପାଇଁ ଉଚିତ ପଦକ୍ଷେପ ମାନ ବିଷୟରେ ଆଲୋଚନା ହୋଇଥିଲା । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତରୁଣ ଛୋଟରାୟ ୨୦୨୩ରେ ଜିଲ୍ଲାରେ କୃଷି ଏବଂ ଚାଷର ସଫଳତା ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ । ଜିଲ୍ଲାର ସମସ୍ତ ୨୬ଟି ବ୍ଲକରେ ଆଶାନୁରୂପ ସଫଳତା ମିଳିଥିବା ବେଳେ ଚଳିତ ବର୍ଷ ୧୩.୭୯% ପରିମାଣ କମ ଥିଲା ବୋଲି କହିଥିଲେ । ଖରିଫ ଏବଂ ରବି ଫସଲ ଉଭୟରେ ମିଶ୍ରିତ ସଫଳତା ମିଳିଥିବା ବେଳେ ଆଗାମୀ ବର୍ଷ ପାଇଁ ଏହି ସଫଳତାକୁ ଆହୁରି ବର୍ଦ୍ଧିତ କରାଯିବ ବୋଲି ସେ ମତ ଦେଇଥିଲେ । ଚଳିତ ବର୍ଷ ଜିଲ୍ଲାର ୪ଟି ଉପଖଣ୍ଡରେ ହୋଇଥିବା କୃଷି ଯାନ୍ତ୍ରିକ ମେଳାରେ ୩.୯ କୋଟି ଲାଭ ହୋଇଥିବା ବେଳେ ଜିଲ୍ଲାର ସମସ୍ତ ଚାଷୀମାନେ କୃଷି ବୈଜ୍ଞାନିକ ପଦ୍ଧତି ଦ୍ୱାରା ଉପକୃତ ହୋଇଛନ୍ତି । ସର୍ବୋପରି ଜିଲ୍ଲାପାଳ ଏହି ସମସ୍ତ ବିବରଣୀ ବିଷୟରେ ମନ୍ତବ୍ୟ ଦେବା ସହିତ ଓଡ଼ିଶା ମିଲେଟ ମିଶନର ସଫଳତା ପାଇଁ ଉପଯୁକ୍ତ ପ୍ରକ୍ରିୟା ବିଷୟରେ ପଚାରି ବୁଝିଥିଲେ । ପ୍ରକାଶ ଥାଉକି, କୃଷି ବିଭାଗର ଯଥେଷ୍ଟ ପ୍ରୟାସ ଦ୍ୱାରା ଚାଷୀମାନେ ମୁଖ୍ୟତଃ ମାଣ୍ଡିଆ ଏବଂ ଅନ୍ୟାନ୍ୟ ମିଲେଟ ଖାଦ୍ୟଶସ୍ୟ ମଣ୍ଡିରେ ପହଞ୍ଚାଇବା ଏବଂ ଅତିବେଶୀରେ ୧୫ ଦିନ ମଧ୍ୟରେ ସେମାନଙ୍କ ଆକାଉଣ୍ଟକୁ ସମସ୍ତ ରାଶି ପ୍ରଦାନ କରାଯାଉଛି । ବୈଠକକୁ ସହକାରୀ କୃଷି ଅଧିକାରୀ ସୁଧାଂଶୁ ଶେଖର ପଣ୍ଡା ପରିଚାଳନା କରିଥିବା ବେଳେ ଜିଲ୍ଲାର ସମସ୍ତ ବିଭାଗୀୟ, ସହକାରୀ ବିଭାଗୀୟ ଅଧିକାରୀ ତଥା କର୍ମକର୍ତ୍ତା ସମେତ ଅନ୍ୟ ସହକର୍ମୀ ବୃନ୍ଦ ସହଯୋଗ କରିଥିଲେ ।

## ଶ୍ରୀରାମଙ୍କ ଅକ୍ଷତ ଓ ନିମନ୍ତ୍ରଣ ପତ୍ର ବିତରଣ



**କପ୍ତିପଦା, ୯।୧(ସମିସ):** ଅଯୋଧ୍ୟାରେ ଶ୍ରୀ ରାମଙ୍କ ପବିତ୍ର ଅକ୍ଷତକଳସ ଓ ନିମନ୍ତ୍ରଣପତ୍ର ୧୦ଦିନ ପୂର୍ବରୁ ଆସି କପ୍ତିପଦା ଆଖଣ୍ଡଳେଶ୍ୱର ମନ୍ଦିର ନିକଟ ଶ୍ରୀରାମ ମନ୍ଦିରରେ ରଖାଯାଇ ପୂଜାର୍ଚ୍ଚନା କରାଯାଉଛି । ରବିବାର ଉକ୍ତ କଳସ ଓ ନିମନ୍ତ୍ରଣପତ୍ର କପ୍ତିପଦା ପ୍ରଖଣ୍ଡର ୨୬ଟି ପଞ୍ଚାୟତରେ ପ୍ରତିନିଧିଙ୍କ ଦ୍ୱାରା ବିତରଣ କରାଯାଇଥିଲା । ଆଖଣ୍ଡଳେଶ୍ୱର ମନ୍ଦିର ପରିସରରେ ହୋମ, ଯଜ୍ଞ, ସୂର୍ଯ୍ୟପୂଜା କରାଯାଇ ଭକ୍ତଙ୍କ ସହଯୋଗରେ କପ୍ତିପଦା ବଜାର ପରିକ୍ରମା କରାଯାଇଥିଲା । ମନ୍ଦିରରେ ଉପସ୍ଥିତ ସହସ୍ରାଧିକ ଭକ୍ତଙ୍କୁ ରାଜ୍ୟ ସତସଙ୍ଗ ପ୍ରମୁଖ ହରିହର ତ୍ରିପାଠୀ, ସାମ୍ବାଦିକ କବି ବିଷ୍ଣୁ ମୋହନ ଶତପଥୀ, ବିଶ୍ୱ ହିନ୍ଦୁ ପରିଷଦର ସଭାପତି ଅଜୟ କୁମାର ପାଲ, ସମ୍ପାଦକ ପ୍ରଶାନ୍ତ କୁମାର ଆଚାର୍ଯ୍ୟ ପ୍ରମୁଖ ରାମ ମନ୍ଦିରର ଇତିହାସ ନେଇ ଆଲୋକପାତ କରିଥିଲେ । କପ୍ତିପଦା ପ୍ରଖଣ୍ଡର ସଭାପତି ଦିଲ୍ଲୀପ କୁମାର ଦାସ ଓ ସହଧର୍ମିଣୀ କର୍ତ୍ତାଭାବେ କାର୍ଯ୍ୟ ତୁଲାଇଥିଲେ । ସମ୍ପାଦକ ରାମଚନ୍ଦ୍ର ବେହେରା ଓ ବଜରଙ୍ଗ ଦଳପ୍ରମୁଖ ପିଣ୍ଟୁ ମିଶ୍ରଙ୍କ ସହ ଦୟାନିଧି ଦାସ, ରେଣୁବାଳା ପାତ୍ର ସନ୍ତୋଷ ବେହେରା, ମହେନ୍ଦ୍ର ପୃଷ୍ଟି, ଜ୍ଞାନରଞ୍ଜନ ଦାସ, ପର୍ଶୁରାମ ବେହେରା, ରାଜେନ୍ଦ୍ର ବେହେରା, ଗୋପୀନାଥ ନାଏକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ତିରିଙ୍ଗରେ ବିଜେଡିର ମିଶ୍ରଣପର୍ବ



**ବହଳଦା, ୯।୧(ସମିସ):** ମୟୂରଭଞ୍ଜ ଜିଲ୍ଲା ତିରିଙ୍ଗ ବ୍ଲକ ନାରାୟଣପୁରରେ ବିଜେଡିର ଏକ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଏକ ବନ୍ଧୁମିଳନ ମଧ୍ୟ ଅନୁଷ୍ଠିତ ହୋଇଥିଲା । ବ୍ଲକର ବହୁ ଯୁବକ ଅନ୍ୟ ଦଳରୁ ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦିବାସୀଙ୍କ ପ୍ରତି ଉତ୍ସର୍ଗୀକୃତ ସେବା ଓ ଲୋକାଭିମୁଖି ଯୋଜନା ପ୍ରତି ଆସ୍ଥା ଭାଜନ କରି ସୋମବାର ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି ଓ ମୋରଡ଼ା ବିଧାୟକ ରାଜକିଶୋର ଦାସଙ୍କ ଉପସ୍ଥିତିରେ ବିଜୁ ଜନତା ଦଳରେ ଯୋଗଦେଇଛନ୍ତି । ଏହି ଅବସରରେ ସେମାନଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରାଯାଇଥିଲା । ଏମାନଙ୍କ ଯୋଗଦାନ ପରେ ଦଳର ସଂଗଠନ ଆହୁରି ସୁଦୃଢ଼ ହେବ ବୋଲି ମନ୍ତ୍ରୀ ଶ୍ରୀ ମାର୍ଣ୍ଡି କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ରାଇରଙ୍ଗପୁରର ପୂର୍ବତନ ବିଧାୟକ ସାଇବାସୁଶୀଲ ହାଁସଦା, ଜିଲ୍ଲା ବିଜେଡି ସଭାପତି କାଶୀନାଥ ହେମ୍ବ୍ରମ, ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ବଳଦେବ ହେମ୍ବ୍ରମ, ଜେମାମଣୀ ଶୁଣ୍ଡି, ଜିଲ୍ଲା ପରିଷଦ ସଭ୍ୟ ପରେଶ ମୁଣ୍ଡା, ଜିଲ୍ଲା ସାଧାରଣ ସମ୍ପାଦକ ପଙ୍କଜ ରାଉତ ବହଳଦା ବ୍ଲକ ସଭାପତି ହରେକୃଷ୍ଣ ମଣ୍ଡଳ, ପାର୍ଥ ଷଡ଼ଙ୍ଗୀ ସମତେ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## ଚାଲାଣ ବେଳେ ବନ ବିଭାଗ ଜବତ କଲା ୫୦ ଶୁଆ ଶାବକ



**ରାଇରଙ୍ଗପୁର, ୯ ।୧(ସମିସ):** ରାଇରଙ୍ଗପୁର ବନାଞ୍ଚଳ ଅନ୍ତର୍ଗତ ଗୋରୁମହିଷାଣୀ ବିଟ୍ ନିକଟ ସରସ୍ୱତୀ ଶିଶୁ ମନ୍ଦିର ନିକଟରେ ସୋମବାର ଭୋରୁ ୫୦ଟି ଶୁଆ ଶାବକ ଚାଲାଣ ହେଉଥିବା ବେଳେ ବନ ବିଭାଗ ଜବତ କରିବା ସହିତ ଜଣେ ମାଫିଆକୁ ଗିରଫ କରିଛି । ଗିରଫ ଜଣକ ହେଲେ ଗୋରୁମହିଷାଣୀ ଥାନା ଅନ୍ତର୍ଗତ କୁଲେଇଶିଳା ଗ୍ରାମର ମହମ୍ମଦ ସାହାଜାଦ୍ (୩୦) । ପରେ ଅଭିଯୁକ୍ତ ନିକଟରୁ ଏକ ବାଇକ୍ ଏବଂ ଦୁଇଟି ପେଟିରେ ଥିବା ୫୦ଟି ଶୁଆ ଶାବକକୁ ଉଦ୍ଧାର କରି ରାଇରଙ୍ଗପୁର ବନାଞ୍ଚଳ କାର୍ଯ୍ୟାଳୟକୁ ଆଣିଥିଲେ । ଶାବକଗୁଡିକୁ ବନ ବିଭାଗ ତରଫରୁ ଯତ୍ନ ନିଆଯାଉଛି । ବନ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି । ଏହି ର୍ୟାକେଟ୍‌ରେ ଆହୁରି ଅନ୍ୟମାନଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଛି । ଏହି ଶାବକଗୁଡିକ ରାଇରଙ୍ଗପୁର ସହିତ ଭୁବନେଶ୍ୱର ଅଞ୍ଚଳରେ ୫ ଶହରୁ ୩ ହଜାର ଟଙ୍କାରେ ବିକ୍ରୟ କରାଯାଏ ବୋଲି ସୂଚନା ମିଳିଛି ।

## ରାଜସ୍ୱ ଅମଲା ସଂଘର ଦାବି ପୂରଣ; ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

କରଞ୍ଜିଆ, ୯।୧(ସମିସ): ଓଡ଼ିଶା ରାଜସ୍ୱ ଅମଲା ସଂଘର ଦାବିକୁ ରାଜ୍ୟ ସରକାର ପୂରଣ କରିଛନ୍ତି । ଏ ନେଇ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଓଡ଼ିଶା ରାଜସ୍ୱ ଅମଲା ସଂଘର ପ୍ରତ୍ୟେକ ସଦସ୍ୟ/ସଦସ୍ୟାଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ଏଥିପାଇଁ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି । ତେବେ ଏଥିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ମଧ୍ୟ ସଂଘ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଛି । ଅମଲାମାନଙ୍କ କଠିନ ପରିଶ୍ରମ ଓ ଧୈର୍ଯ୍ୟ ଦ୍ୱାରା ଏହା ସମ୍ଭବ ହେଲା ବୋଲି ସଂଘର ରାଜ୍ୟ ଉପସଭାପତି ଅସିତ କୁମାର ମହାକୁଡ଼ ପ୍ରକାଶ କରିଛନ୍ତି ।

## ଶିକ୍ଷୟିତ୍ରୀଙ୍କ ବଦଳି ପରେ ଧାରଣା ପ୍ରତ୍ୟାହୃତ

କମାରଡିହା, ୯।୧(ସମିସ)

ରସଗୋବିନ୍ଦପୁର ବ୍ଲକ ଅଧୀନ କମାରଡିହା ପଞ୍ଚାୟତ ଖୁଣ୍ଟା ଗ୍ରାମରେ ନା.ଖୁଣ୍ଟା ସରକାରୀ ୟୁଜିଏମଇ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନେ ଗତ ୨ ତାରିଖରୁ ବିଦ୍ୟାଳୟ ଗେଟରେ ତାଲା ପକାଇ ଧାରଣାରେ ବସିଥିଲେ । ଫଳରେ ୮ ଦିନ ପାଠପଢ଼ା ବ୍ୟାଘାତ ହୋଇଥିଲା । ଯାହାକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା; ହେଲେ ମଙ୍ଗଳବାର ପରିଚାଳନା କମିଟିର ସଦସ୍ୟମାନେ ଧାରଣାରୁ ଉଠିଛନ୍ତି । ସୂଚନା ଯୋଗ୍ୟଯେ, ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ସାହୁ ପରିଚାଳନା କମିଟି ସଦସ୍ୟ/ସଦସ୍ୟାଙ୍କ ଜାଲ ଦସ୍ତଖତ କରି ସରକାରୀ ଟଙ୍କାକୁ ଆତ୍ମସାତ କରିଥିବା ଅଭିଯୋଗ ହୋଇଥିଲା । ପରେ ଶ୍ରୀମତୀ ସାହୁଙ୍କୁ ନିଲମ୍ବିତ କରିଥିଲେ ରାସଗୋବିନ୍ଦପୁର ବିଇଓ; କିନ୍ତୁ ଜିଲ୍ଲା ଶିକ୍ଷାଅଧିକାରୀ ଉକ୍ତ ଆଦେଶକୁ ବାତିଲ କରି ତାଙ୍କୁ ପୁଣି ସେହି ସ୍କୁଲରେ ଯୋଗଦେବାକୁ କହିଥିଲେ; ଯାହାକୁ ବିରୋଧ କରି ବିଦ୍ୟାଳୟ ପରିଚାଳନା କମିଟି ଗେଟରେ ତାଲା ପକାଇବା ସହିତ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଥିଲା । ତେବେ ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ସାହୁ ଏବଂ ସହକାରୀ ଶିକ୍ଷୟିତ୍ରୀ କଲ୍ୟାଣୀ ସାହୁଙ୍କୁ ଅନ୍ୟତ୍ର ବଦଳି କରାଗଲା । ତେବେ ସହକାରୀ ଶିକ୍ଷୟିତ୍ରୀ କଲ୍ୟାଣୀ ସାହୁଙ୍କୁ ଉକ୍ତ ବିଦ୍ୟାଳୟରେ ରଖାଯାଉ ଏବଂ କେବଳ ଜୟନ୍ତୀ ସାହୁଙ୍କୁ ବଦଳି କରାଯାଉ ବୋଲି ପୁଣି ଜିଦ ଧରି ଧାରଣାରେ ବସିଥିଲେ ପରିଚାଳନା କମିଟି । ପରେ ଶ୍ରୀମତୀ ସାହୁଙ୍କୁ ବଦଳି କରାଯିବା ପରେ ଦୀର୍ଘ ୮ ଦିନ ପରେ ପରିଚାଳନା କମିଟି ଧାରଣାରୁ ଉଠିଥିବା ସୂଚନା ମିଳିଛି । ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ସାହୁଙ୍କୁ ଝରିଆ ଉଚ୍ଚପ୍ରାଥମିକ ବିଦ୍ୟାଳୟକୁ ବଦଳି କରାଯାଇଥିବା ବେଳେ କଲ୍ୟାଣୀ ସାହୁ ପୂର୍ବପରି ନା. ଖୁଣ୍ଟା ସରକାରୀ ୟୁଜିଏମଇ ବିଦ୍ୟାଳୟରେ ଶିକ୍ଷାଦାନ କରିବାର ଆଦେଶ ଆସିବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି ବୋଲି ରାସଗୋବିନ୍ଦପୁର ବିଇଓ ଛତିଶଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି ।



## ବାଲି ମାଫିଆଙ୍କ ଦାଦାଗିରି
# ଥାନାର ଦ୍ୱାରସ୍ଥ ହେଲେ ମହିଳା

ଉଦଳା, ୯।୧(ସମିସ): ବାଲି ମାଫିଆଙ୍କ ଦାଦାଗିରି ଯୋଗୁଁ ଗ୍ରାମବାସୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଘାଟ ନାହିଁ କି ନିଲାମ ବି ନାହିଁ; କିନ୍ତୁ ମାଫିଆମାନେ ସ୍ପଷ୍ଟ ଦିବାଲୋକରେ ଲୁଟୁଛନ୍ତି ଶହ ଶହ ଟ୍ରିପ ବାଲି। ଏହାକୁ ବିରୋଧ କରିବାରୁ ଗ୍ରାମବାସୀଙ୍କୁ ମିଳୁଛି ହତ୍ୟା ଧମକ; ଯାହାକୁ ନେଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି ଗ୍ରାମବାସୀ। ଉଦଳା ଥାନା ଗୋପବନ୍ଧୁନଗର ତହସିଲ ଅଧୀନ ବରଡ଼ିହି ପଞ୍ଚାୟତ ପାଟଶାଣିପୁର ବାଲିଘାଟରୁ ବେଆଇନଭାବେ ଚାଲିଛି ବାଲି ଉତ୍ତୋଳନ। ଏହି ଗ୍ରାମ ନିକଟରେ ପ୍ରବାହିତ ସୋନ ନଦୀରୁ ବିନା ପରମିଟରେ ଦୈନିକ ଲୁଟ ହେଉଛି ଶହ ଶହ ଟ୍ରିପ ବାଲି। ମାଫିଆମାନେ ବେଆଇନ ଲୁଟ କରୁଥିବା ବେଳେ ଏହାକୁ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିଥିଲେ। ମାଫିଆମାନେ ବାଲି ଉତ୍ତୋଳନ କରି ପଡୋଶୀ ବାଲେଶ୍ୱର ଜିଲ୍ଲା ଏବଂ ପଶ୍ଚିମବଙ୍ଗ ଅଞ୍ଚଳକୁ ଚାଲାଣ କରୁଛନ୍ତି; ଯାହାକୁ ନେଇ ମଙ୍ଗଳବାର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ବିରୋଧ କରିଥିଲେ। ହେଲେ ବାଲି ମାଫିଆ ରମେଶ ମଲ୍ଲିକ, ପିଲୁ ପ୍ରଧାନ, ହେମନ୍ତ ପ୍ରଧାନ ଏବଂ ଧୁଷୁରୁ ପ୍ରଧାନ ମହିଳାମାନଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହିତ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏହା ସହିତ ବାଲି ଉତ୍ତୋଳନକୁ ବିରୋଧ କଲେ ହତ୍ୟାକରି ବାଲିରେ ପୋତିଦେବେ ବୋଲି



ମହିଳାମାନଙ୍କୁ ଧମକ ଦେଇଥିଲେ। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେବା ସହିତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉଦଳା ଥାନାରେ ପହଞ୍ଚି ଲିଖିତଭାବେ ଅଭିଯୋଗ କରିଛନ୍ତି। ଚୋରା ବାଲି ଚାଲାଣ ରୋକିବା ସହିତ ମହିଳାମାନଙ୍କୁ ସୁରକ୍ଷା ଦେବାକୁ ଦାବି କରିଛନ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ସରସ୍ୱତୀ ଭୋଇ, ରାଧି ପ୍ରଧାନ, ଉର୍ମିଳା ମଲ୍ଲିକ, ହେମଲତା ପ୍ରଧାନଙ୍କ ସମେତ ସମସ୍ତ ସଦସ୍ୟ। ଯଦି ମହିଳାମାନଙ୍କୁ ନ୍ୟାୟ ନ ମିଳେ ତାହାହେଲେ ସେମାନେ ଆନ୍ଦୋଳନ କରିବେ ବୋଲି ଜଣାପଡିଛି।

# ହୋ' ସମାଜର 'ଉପୁରୁମ ଜୁମୁର' କାର୍ଯ୍ୟକ୍ରମ



କରଞ୍ଜିଆ, ୯।୧(ସମିସ): ଆଦିବାସୀ ହୋ' ସମାଜର ସିଦାହାର ସୁସାର ଆକାଳା ପାଞ୍ଚପିଢ ଶାଖା, ସିଙ୍ଗଡ଼ା ଆନୁକୂଲ୍ୟରେ ଉପରୁମ ଜୁମୁର କମିଟିର ସଭାପତି ପୂର୍ଣ୍ଣଚନ୍ଦ୍ର ଚାତାରଙ୍କ ଅଧ୍ୟକ୍ଷତ ଏବଂ ସାଧାରଣ ସମ୍ପାଦକ ବଗୁନ ଶୁଣ୍ଡିଙ୍କ ସଂଯୋଜନାରେ ଉପୁରୁମ ଜୁମୁର ପାଳିତ ହୋଇଯାଇଛି। ଏଥିରେ ଅତିଥିଭାବେ କରଞ୍ଜିଆ ବିଧାୟିକା ତଥା ରାଜ୍ୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ଯଶିପୁର ବିଧାୟକ ଗଣେଶ ରାମ ସିଂ ଖୁଣ୍ଟିଆ, ପୂର୍ବତନ ବିଧାୟକ ପଦ୍ମ ଚରଣ ହାଇବ୍ରୁ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା କମଳା ତିରିଆ, ରରୁଆଁ ବ୍ଲକ ଅଧ୍ୟକ୍ଷ ଅଜିତ ତିରିଆ, ସାହାରପଡା ବିଡ଼ିଓ ମାଧବ ଚନ୍ଦ୍ର ବିରୁଆ, ପ୍ରାଣୀଧନ ଚିକିତ୍ସକ ଲିନା, ବାରିପଦା ରୁ ସୁଭାଷ ହେମ୍ବ୍ରମ, ଭୁବନେଶ୍ୱରର ପ୍ରଫୁଲ କୁମାର ତିଉ, ରବୀନ୍ଦ୍ର କାଲୁଣ୍ଡିଆ, ଶୁକୃଳି ବ୍ଲକ ଉପାଧ୍ୟକ୍ଷ ସୀତାରାମ ଚାତାର, ମୟୂରଭଞ୍ଜ କମିଟି ସଭାପତି ମୋଟକା ବିରୁଆ, ଜିଲ୍ଲାପରିଷଦ ସଦସ୍ୟା ମୀନତି ତିରିଆ, ସୁଜାତା ହୋ, ଶୁକୃଳି ବ୍ଲକ ପୂର୍ବତନ ଅଧ୍ୟକ୍ଷା ବାସନ୍ତୀ ଚାତର, ସମିତି ସଭ୍ୟ ଜୁଆଲ ମୁଣ୍ଡା, ଶୁକୃଳି ବ୍ଲକ ଉପାଧ୍ୟକ୍ଷ ସୀତାରାମ ଚାତାର, ପୁଷ୍ପାଞ୍ଜଳି ସିଦୁ ପ୍ରମୁଖ ଯୋଗଦେଇ ନିଜ ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିବାକୁ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଅତିଥିମାନେ ବାର୍ଷିକ କ୍ୟାଲେଣ୍ଡରକୁ ଉନ୍ମୋଚନ କରିଥିଲେ। ଶେଷରେ ସାମାୟ ଚରଣ ପୂର୍ତ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ୮ ନଂ. ୱାର୍ଡର କଲଭର୍ଟ ବିପଜ୍ଜନକ

କରଞ୍ଜିଆ, ୯।୧(ସମିସ): କରଞ୍ଜିଆ ଏନଏସିର ୮ ନଂ. ୱାର୍ଡର ଖଜୁରୀ ସାଗର ଛକ ହେଉଛି ସାହସ୍ରର ସବୁଠୁ ବ୍ୟସ୍ତବହୁଳ ଅଞ୍ଚଳ। ଏଠାରେ ପ୍ରତ୍ୟେକ ଦିନ ଶହ ଶହ ଲୋକ ଏହି ଛକ ଦେଇ ଚଳାଚଳ କରନ୍ତି। ବହୁ ଦିନ ଆଗରୁ ଏହି ଛକ ଉପରେ ଏକ କଲଭର୍ଟ ନିର୍ମାଣ କରାଯାଇଥିଲା। ତେବେ ଅତି ନିମ୍ନମାନର ହେତୁ ତାହା ଭାଙ୍ଗି ଯାଇଥିଲା। ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହୋଇଥିବାରୁ



ସବୁବେଳେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ବିଶେଷ କରି ଅନ୍ଧକାରରେ ଛୋଟ ପିଲା ଓ ବୃଦ୍ଧ ଲୋକ ଏହି ଭଙ୍ଗା କଲଭର୍ଟରେ ପଡି ଆହତ ହେଉଛନ୍ତି। କଲଭର୍ଟ ମରାମତି ପାଇଁ ପୂର୍ବରୁ ଅଭିଯୋଗ କରାଯାଇଥିଲେ ମଧ୍ୟ ଏନଏସି ପକ୍ଷରୁ କୌଣସି ଗୁରୁତ୍ୱ ଦିଆଯାଉନାହିଁ। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ୩ ବର୍ଷ ହେଲା ଉଦଳା ବଣିକ ସଂଘ ନିର୍ବାଚନ କାର୍ଯ୍ୟକାଳ ଶେଷ
# ଅନିୟମିତତା ହେଉଥିବା ନେଇ ବର୍ଷିଲେ ପୂର୍ବତନ ସଭାପତି

ଉଦଳା, ୯।୧(ସମିସ): କପ୍ତିପଦା ଉପଖଣ୍ଡର ଉଦଳା ସହର ବ୍ୟାବସାୟିକ ପେଣ୍ଠସ୍ଥଳ ଭାବେ ଜଣାଶୁଣା। ଏଠାରେ ଥିବା ଦୋକାନ ବା ବ୍ୟବସାୟ ପ୍ରତିଷ୍ଠାନକୁ ନେଇ ଏକ ବଣିକ ସଂଘ ରହିଛି; ଯାହାକି ବଣିକମାନଙ୍କ ସ୍ୱାର୍ଥ ଓ ଅଧିକାର ପାଇଁ କାର୍ଯ୍ୟ କରିଥାଏ। ଏହା ଏକ ପଞ୍ଜୀକୃତ ସଂଘ ହୋଇଥିବାବେଳେ ସଂଘୀୟ ବ୍ୟବସ୍ଥା ମଧ୍ୟରେ କର୍ମକର୍ତ୍ତା ନିର୍ବାଚିତ ହେବାର ପ୍ରକ୍ରିୟା ମଧ୍ୟ ରହିଛି; ହେଲେ ଗତ ୩ବର୍ଷ ହେଲା ସଂଘର କାର୍ଯ୍ୟକାଳ ଶେଷ ହୋଇଥିଲେ ମଧ୍ୟ ଏ ଯାଏ ନିର୍ବାଚନ ହୋଇ ନ ଥିବାରୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ପରିପ୍ରେକ୍ଷୀରେ ସୋମବାର ଉଦଳା ପୂର୍ତ୍ତ ବିଭାଗ ଡ଼ାକବଙ୍ଗଳାରେ ପୂର୍ବତନ ସଭାପତି ସୋମନାଥ ସାହୁଙ୍କ ସଭାପତିତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସଂଘର କାର୍ଯ୍ୟକାଳ ଶେଷ ହୋଇଥିଲେ ହେଁ ବେଆଇନଭାବେ ନିୟମ ଉଲ୍ଲଂଘନ କରି କାର୍ଯ୍ୟ କରୁଥିବା ଅଭିଯୋଗ ଆଣିଛନ୍ତି ପୂର୍ବତନ ସଭାପତି ଏବଂ ସଂପାଦକ। ବଣିକ ସଙ୍ଘର ଦୋକାନ ଘର ହେଉ କି ବଜାରରେ ଭେଣ୍ଡିଂ ଜୋନ ବଣ୍ଟନରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ କରିଛନ୍ତି। ଏପରିକି ସଂଘର ପ୍ୟାଡକୁ ବିଭିନ୍ନ ବ୍ୟକ୍ତିଗତ ସ୍ୱାର୍ଥରେ ବ୍ୟବହାର କରାଯାଇଥିବା ମଧ୍ୟ ଅଭିଯୋଗ ଆଣିଛନ୍ତି। ଏନେଇ ଉପଜିଲ୍ଲାପାଳଙ୍କୁଠାରୁ ଜିଲ୍ଲାପାଳ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ହେଁ ଏପର୍ଯ୍ୟନ୍ତ ସଂଘର ନିର୍ବାଚନ ହୋଇପାରିନାହିଁ। ତେଣୁ ପ୍ରଶାସନ ତୁରନ୍ତ ନିର୍ବାଚନ କରିବା ଦିଗରେ ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ବ୍ୟବସାୟୀମାନେ ଧାରଣା ଦେବା ସହ ଆନ୍ଦୋଳନ କରିବେ ବୋଲି ଶ୍ରୀ ସାହୁ ଚେତାବନୀ ଦେଇଛନ୍ତି।

# ପୋତି ହୋଇଛି ଡ୍ରେନ; ଗାଁ ଦାଣ୍ଡରେ ପାଣି



ଖିଚିଂ, ୯।୧(ସମିସ): ମୟୂରଭଞ୍ଜ ଜିଲ୍ଲା ଅର୍ଜୁନବିଲ୍ଲା ପଞ୍ଚାୟତର କେଶନା ହେଉଛି ଏକ ରାଜସ୍ୱ ଗ୍ରାମ। ଏହି ଗ୍ରାମର ଜନସଂଖ୍ୟା ୫ ଶହରୁ ଅଧିକ। କଳା ମୁଗୁନି ପଥର କାରୁକାର୍ଯ୍ୟ ପାଇଁ ରାଜ୍ୟ ଓ ରାଜ୍ୟ ବାହାରେ ଏହି ଗାଁ ପରିଚିତ। ପ୍ରାୟ ୩୦ ବର୍ଷ ତଳେ ଏହି ଗ୍ରାମର ମଧ୍ୟଭାଗ ରାସ୍ତା ପାଶ୍ୱର୍ରେ ଅବସ୍ଥିତ ଏକ ନଳକୂପ ପାଶ୍ୱର୍ରେ ଡ୍ରେନ ନିର୍ମାଣ କରି ଜଳ ନିଷ୍କାସନ ବ୍ୟବସ୍ଥା କରାଯାଇଥିଲା; କିନ୍ତୁ ଦୀର୍ଘ ଦିନ ଧରି ଏହି ଡ୍ରେନ ମରାମତି ହୋଇ ନ ଥିବାରୁ ଅଳିଆ ଆବର୍ଜନା ଜମିରହିଛି। ଫଳରେ ନଳକୂଅରୁ ନିଷ୍କାସିତ ପାଣି ରାସ୍ତା ଉପରେ ପ୍ରବାହିତ ହେଉଛି। ଫଳରେ ଗମନା ଗମନରେ ଅନେକ ଅସୁବିଧା ସହିତ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ବିଶେଷକରି ବର୍ଷା ଋତୁରେ ଲୋକେ ବହୁ ଅସୁବିଧା ଭୋଗୁଛନ୍ତି। ଏ ନେଇ ଜନପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥଲେ ସୁଦ୍ଧା କୌଣସି ସକାରାତ୍ମକ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ରାଜ୍ୟ ସରକାର 'ଆମ ଗାଁ, ଆମ ବିକାଶ' ବାବଦରେ ପର୍ଯ୍ୟାପ୍ତ ଅର୍ଥବରାଦ କରୁଥିବା ସ୍ଥଳେ ଗ୍ରାମର ଏହି ସର୍ବନିମ୍ନ ଅସୁବିଧା ପୂରଣ ଦିଗରେ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମବାସୀଙ୍କ ତରଫରୁ ଦାବି ହେଉଛି।

# ନୂତନ ସ୍ୱେଚ୍ଛାସେବୀ ସଂଗଠନ ଗଠିତ

ମାଣତ୍ରୀ, ୯ ।୧(ସମିସ): ବଡ଼ସାହି ବ୍ଲକ ଅଧୀନ କୋଚିଲାଖୁଣ୍ଟା ପଞ୍ଚାୟତର ଜୁଣୁପଦା ବନ୍ଧରେ ସମସ୍ତ ପଞ୍ଚାୟତର ଯୁବକଙ୍କୁ ନେଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଯୁବନେତା ରାକେଶ କୁମାର ମହାପାତ୍ରଙ୍କ ଆହ୍ୱାନରେ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ସରପଞ୍ଚ, ନରେନ୍ଦ୍ର ସିଂ, ବଡ଼ସାହି ବ୍ଲକର ଯୁବନେତା ତଥା ସମାଜସେବୀ ଦୀପକ ସାହୁ, ଆଦିବାସୀ କୁଡ଼ମୀ ସମାଜର ରାଜ୍ୟ ଯୁବ ସଭାପତି ସ୍ନେହାଶିଷ ମହାନ୍ତ, ସମାଜସେବୀ ଶରତ ମହାନ୍ତ, ସମିତି ସଭ୍ୟ ନବୀନ ମହାନ୍ତ, ସମାଜସେବୀ ଆଦିତ୍ୟ ବେହେରା, ସମିତି ସଭ୍ୟ ରମାକାନ୍ତ ସାହୁ, ସଂଜୀବ ମହାନ୍ତ, ଛାତ୍ରନେତା ବାଇଧର ବିନ୍ଧାଣି, ଲୋକନାଥ ମହାନ୍ତ, ସାମ୍ବାଦିକ ସମ୍ବିତ ରାଉତ, ଦେବଦତ୍ତ ଗିରିଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ସଂଖ୍ୟକ ଯୁବକ ଯୋଗଦାନ କରିଥିଲେ। ଏହି ଅବସରରେ ଏକ ନୂତନ ସ୍ୱେଚ୍ଛାସେବୀ ସଂଗଠନ 'ମୟୂର ଯୋଦ୍ଧା' ଗଠନ କରାଯାଇଛି। ଏହି ସଂଗଠନ ସମାଜର କଲ୍ୟାଣ ସହିତ ମୟୂରଭଞ୍ଜ ଜିଲ୍ଲା ବିକାଶ ପାଇଁ ସହଯୋଗ କରିବ ବୋଲି ସଂକଳ୍ପ ନିଆଯାଇଥିଲା। ଶେଷରେ ଛାତ୍ରନେତା ବିକାଶ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ଉଚ୍ଛେଦ ୮୦ ଦୋକାନୀଙ୍କୁ ଥଇଥାନ ଦାବି

ବିଜାତଳା, ୯।୧(ସମିସ): ବାଙ୍କୀ-ବଡାମତଳିଆ ରାସ୍ତା ସମ୍ପ୍ରସାରଣ ବେଳେ ବହୁ ଦୋକାନ ଉଚ୍ଛେଦ ହୋଇଥିଲା। ଉଚ୍ଛେଦରେ ପ୍ରାୟ ୮୦ ଦୋକାନୀ କ୍ଷତିଗ୍ରସ୍ତ ହୋଇଛନ୍ତି। ପ୍ରଶାସନ ଉଚ୍ଛେଦ ହୋଇଥିବା ଦୋକାନୀଙ୍କୁ ଥଇଥାନ ପାଇଁ ସାମାଜିକ କର୍ମୀ ରାମ ଚନ୍ଦ୍ର ଟୁଡୁ, ପାରେଶ୍ୱର ମୁର୍ମୁ, ବଳଭଦ୍ର ମଣ୍ଡଳ, ଶିବ ଚରଣ ଟୁଡୁ ପ୍ରମୁଖ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ତୁରନ୍ତ ଦୋକାନୀମାନଙ୍କୁ ଥଇଥାନ କରିବାକୁ ଦୃଢ ଦାବି ହେଉଛି।

# ଉଦଳାରେ ପୋଷ୍ଟର ମାଳ ମାଳ

ଉଦଳା, ୯।୧(ସମିସ): ଆଉ ଦିନ କିଛିଦିନ ପରେ ସାଧାରଣ ନିର୍ବାଚନ; ହେଲେ ନିର୍ବାଚନ ପୂର୍ବରୁ ଆରମ୍ଭ ହୋଇଯାଇଛି ବ୍ୟାନର ବା ପୋଷ୍ଟର ରାଜନୀତି। ରାସ୍ତାଘାଟ, ଛକ, ବଜାର ଆଦି ସ୍ଥାନରେ



ପୋଷ୍ଟର ମାଳ ମାଳ ଦେଖିବାକୁ ମିଳିଛି। ପୋଷ୍ଟର ମାରି ନିଜର ପତିଆରା ଜାହିର କରିବାକୁ ଆଶାୟୀମାନେ ଆରମ୍ଭ କରିଛନ୍ତି ପ୍ରଚେଷ୍ଟା। ଉଦଳା ମୁଖ୍ୟ ବଜାର ସମେତ ବସଷ୍ଟାଣ୍ଡ, ହାଇସ୍କୁଲ ଛକ ଏବଂ ବିଭିନ୍ନ ସ୍ଥାନରେ ଲାଗିଛି ମାଳ ମାଳ ପୋଷ୍ଟର। ତାହା ପୁଣି ରାଜନେତା ଏବଂ ଅନେକ ଆଶାୟୀଙ୍କ। ହେଲେ ନୂତନ ବର୍ଷ, ମକର ପର୍ବ ଶୁଭେଚ୍ଛା ଆଳରେ ଉଦଳା ନିର୍ବାଚନମଣ୍ଡଳୀର ଭୋଟରଙ୍କୁ ଶୁଭେଚ୍ଛା ଜଣାଇ ଚାଲିଛି ପୋଷ୍ଟର ରାଜନୀତି। ଏହି ପୋଷ୍ଟର ରାଜନୀତି ଜରିଆରେ ଲୋକଙ୍କ ନିକଟରେ ପହଞ୍ଚିବାକୁ ଚେଷ୍ଟା କରିଛନ୍ତି ନେତାମାନେ। ତେବେ ଏହି ପୋଷ୍ଟର ରାଜନୀତି ଆଗାମୀ ସାଧାରଣ ନିର୍ବାଚନରେ ପ୍ରଭାବ ପକାଇବ ନାହିଁ ବୋଲି କହିଛନ୍ତି ରାଜନୀତି ସମୀକ୍ଷକ। ଅପରପକ୍ଷରେ ଉଦଳା ରାଜନୀତି ସବୁ ସମୟରେ ଭିନ୍ନ ଫଳ ଦେଉଥିବା ନେଇ ପ୍ରମୁଖ ଦଳଗୁଡିକ ଏବେ ଚିନ୍ତାରେ। ଉଦଳା ନିର୍ବାଚନ ମଣ୍ଡଳୀ ଦଳ ଅପେକ୍ଷା ବ୍ୟକ୍ତିତ୍ୱକୁ ଗୁରୁତ୍ୱ ଦେଇ ଆସୁଥିବା ବେଳେ ଆଗାମୀ ନିର୍ବାଚନ ମଧ୍ୟ ବ୍ୟକ୍ତିତ୍ୱ ଓ ଦକ୍ଷତା ହିଁ ମାପଦଣ୍ଡ ହେବ। ଏଥିରେ ଦ୍ୱିମତ ନାହିଁ।

# ମାର୍ଚ୍ଚ ୯ରୁ ଖିଚିଂ ମହୋତ୍ସବ

ଖିଚିଂ/ଶୁକୃଳି, ୯ ।୧( ସମିସ): ମୟୂରଭଞ୍ଜ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ଖିଚିଂର ମାଆ କିଚକେଶ୍ୱରୀ। ତାଙ୍କ ମନ୍ଦିର ପ୍ରାଙ୍ଗଣ ଐତିହାସିକ ଜାଗର ପଡିଆରେ କଳା ସଂସ୍କୃତି, ପରମ୍ପରା ଏବଂ ଐତିହାସିକ ଜାଗର ଯାତ୍ରାକୁ ଉଦ୍ ଜୀବିତ କରିବା ପାଇଁ ପ୍ରତେକ ବର୍ଷ ଦି ଗ୍ରେଟର ଟୁରିଜୀମ ଡେଭଲପମେଣ୍ଟ କମିଟି ଖିଚିଂ ର ଆନୁକୂଲ୍ୟରେ ଖିଚିଂମହୋତ୍ସବ ର ଆୟୋଜନ ହୋଇଥାଏ। ଚଳିତ ବର୍ଷ ଏହି ମହୋତ୍ସବ ଆଡମ୍ବରପୂର୍ଣ୍ଣ ଆୟୋଜନ ପାଇଁ ମନ୍ଦିର ପ୍ରାଙ୍ଗଣ ରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କମିଟି ର ସମସ୍ତ ସଦସ୍ୟ , ମନ୍ଦିର ପରିଛା ମନ୍ଦିର ପୂଜକ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ , ଏହି ବୈଠକରେ ଆସନ୍ତା ମାର୍ଚ୍ଚ ୯ ରୁ ମାର୍ଚ୍ଚ ୧୧ ପର୍ଯ୍ୟନ୍ତ ଖିଚିଂ ମହୋତ୍ସବ ୨୦୨୪ ଅନୁଷ୍ଠିତ ହେବ ବୋଲି ଦିନ ଧାର୍ଯ୍ୟ ସର୍ବ ସମତି କର୍ମେ ଗୃହୀତ ହୋଇଥିଲା। ଏହି ମହୋତ୍ସବ କୁ କିପରି ସରସ ସୁନ୍ଦର ଓ ଆକର୍ଷଣୀୟ କରାଯାଇ ପାରିବ ସେ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା।

# ଭଲିବଲ ଟୁର୍ଣ୍ଣାମେଣ୍ଟ; ଯଶିପୁର ଟିମ୍ ଚାମ୍ପିଅନ

ରାଇରଙ୍ଗପୁର, ୯ ।୧(ସମିସ): ମହୁଲଡିହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ଦିବସୀୟ ଦିବାରାତ୍ର ସାନୁ ମେମୋରିଆଲ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୟୂରଭଞ୍ଜ ଜିଲ୍ଲାର ମହୁଲଡିହା, ଭଞ୍ଜକିଆ, କୁଲତା, ନୁରୁବଦଡା, ଗଡପଳଶା, ଯଶିପୁର, ହାଟବାଦଡା ଏବଂ ବଡାମତଳିଆ ସମେତ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଏହି ଖେଳକୁ ରାଇରଙ୍ଗପୁର ଆଦିବାସୀ ସମନ୍ୱିତ ପ୍ରକଳ୍ପ ପ୍ରଶାସକ ଅଧିକାରୀ ପରିକ୍ଷିତ ଦାସ ଖେଳର ଶୁଭାରମ୍ଭ କରିଥିଲେ। ଫାଇନାଲ ଖେଳରେ ଯଶିପୁର ଭଲି ଟିମ୍ ରାଇରଙ୍ଗପୁରର ମହହୁଲଡିହା ଭଲିଟିମକୁ ହରାଇ ଚାମ୍ପିଅନ ହୋଇଥିଲେ। ଟୁର୍ଣ୍ଣାମେଣ୍ଟର ସଭାପତି ଯୁବ ସମାଜସେବୀ ସୁରେଶ କୁମାର ମାଝୀ ବିଜେତାଙ୍କୁ ପୁରସ୍କୃତ କରିଥିଲେ।



# ଛାତ୍ରଛାତ୍ରୀଙ୍କ ବୃତ୍ତି ଆବେଦନ ଫେବୃଆରୀ ୫ ଯାଏ ବୃଦ୍ଧି

କୁଳିଅଣା, ୯।୧(ସମିସ): ମାସ୍ ଆଦିବାସୀ ରିଭଲସ୍ୟୁନାରୀ ୟୁଥ୍ ଏଣ୍ଡ ଷ୍ଟୁଡେଣ୍ଟ ଆସୋସିଏସନ୍ (ମାରିସା) ର ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁଙ୍କ ଆନ୍ଦୋଳନ ସଫଳ ହୋଇଥିବାରୁ ଆଜି ବିଭିନ୍ନ କଲେଜର ଛାତ୍ରଛାତ୍ରୀ ପୁଷ୍ପଗୁଚ୍ଛଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଚଳିତ ଶିକ୍ଷାବର୍ଷ ଷ୍ଟେଟ୍ ସ୍କଲରସିପ୍ ପୋର୍ଟାଲ୍‌ରେ କେବଳ କିଛି ମନୋନୀତ ସରକାରୀ କଲେଜ୍‌ପାଇଁ ଛାତ୍ରବୃତ୍ତି ଆବେଦନର ବିକଳ୍ପ ରହିଥିଲା। ତେଣୁ ଅନ୍ୟ କଲେଜର ଛାତ୍ରଛାତ୍ରୀ ଅନ୍ ଲାଇନ୍ ଆବେଦନ କରିବାରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏ ନେଇ ଜିଲ୍ଲା ମଙ୍ଗଳ ଅଧିକାରୀ ଏବଂ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କିଛି ସୁଫଳ ନ ମିଳିବାରୁ ମାରିସା ପକ୍ଷରୁ ଡିସେମ୍ବର ୨୯ ତାରିଖରେନ ମୟୂରଭଞ୍ଜର ସମସ୍ତ କଲେଜ୍ ବନ୍ଦ ଡାକରା ଦିଆଯାଇଥିଲା। ପରେ ଡିସେମ୍ବର ୨୭ରେ ସଚିବାଳୟଠାରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗର କମିଶନର ରୂପାରୋଶନ ସାହୁ ଏବଂ ଉପନିର୍ଦ୍ଦେଶିକା ସଂଘମିତ୍ରା ଦାସଙ୍କ ନିକଟରେ ଦାବୀ କରାଯାଇଥିଲା। ଦାବି ଅନୁଯାୟୀ ସ୍କଲରସିପ୍ ପୋର୍ଟାଲ୍‌ରେ ପରିବର୍ତ୍ତନ କରାଯାଇ ବେସରକାରୀ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମଧ୍ୟ ଅନ୍‌ଲାଇନ୍ ଆବେଦନର ସମୟସୀମା ଫେବୃଆରୀ ୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

## ପାଞ୍ଚପୀଢ଼ ପ୍ରିମିୟର ଲିଗ୍ କ୍ରିକେଟ୍ ଉଦ୍‌ଯାପିତ;
# ଆଜାଦ କ୍ଲବ୍ ଚାମ୍ପିଅନ୍

କରଞ୍ଜିଆ, ୯।୧(ସମିସ): ପାଣ୍ଡ ମିନି ଷ୍ଟାଡିୟମରେ ଚାଲିଥିବା ଦ୍ୱିତୀୟ ପାଞ୍ଚପୀଢ ପ୍ରିମିୟର କ୍ରିକେଟ ଉଦ୍‌ଯାପିତ ହୋଇଯାଇଛି। ଯଶିପୁରର ସୁବ୍ରତ ଫାଇଟାର୍ସ କ୍ଲବ୍‌କୁ ପରାସ୍ତ କରି କରଞ୍ଜିଆର ଆଜାଦ କ୍ଲବ ଚାମ୍ପିଅନ୍ ହୋଇ ଟ୍ରଫି ସହ ନଗଦ ୧ ଲକ୍ଷ ଟଙ୍କା ପୁରସ୍କାର ରାଶି ଗ୍ରହଣ କରିଛି। ଆୟୋଜକ ହେଲଫିଂ ହ୍ୟାଣ୍ଡ ଫାଉଣ୍ଡେସନ ସଭାପତି ଶୈଳେଶ ଦଳେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଫାଇନାଲ ଖେଳରେ




ମୁଖ୍ୟଅତିଥି ରୂପେ ରାଜ୍ୟ ମହିଳା ଓ ଶିଶୁବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ସମ୍ମାନିତ ଅତିଥି ରୂପେ କରଞ୍ଜିଆ ବ୍ଲକ ଅଧ୍ୟକ୍ଷା ସୁଭଦ୍ରା ମାରାଣ୍ଡି, ବିଜେଡି ରାଜ୍ୟ ସହସମ୍ପାଦକ ଚକ୍ରଧର ହେମ୍ବ୍ରମ, ଯୁବ ସମାଜସେବୀ କାମିନୀକାନ୍ତ ମହାନ୍ତ, ପାଣ୍ଡ ସରପଞ୍ଚ ମିନତୀ ନାଏକ ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚ୍‌ରେ ସୁବ୍ରତ ଫାଇଟର୍ସ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୮ ୱିକେଟ ବିନିମୟରେ ୯୯ ରନ୍ କରିଥିଲା। ଜବାବରେ ଆଜାଦ କ୍ଲବ ୧୧ ଓଭର ୩ ବଲରେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରି ୧୦୫ ରନ୍ ସଂଗ୍ରହ କରି ବିଜୟୀ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡା. ଦେବାଶିଷ ମାଣ୍ଡି, ସମ୍ମାନିତ ଅତିଥି ଭାବେ ସମାଜସେବୀ କାମିନୀ ମହାନ୍ତ, ଆଦିବାସୀ ନେତା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ମହେଶ୍ ଚନ୍ଦ୍ର ହେମ୍ବ୍ରମ, ଜିଲ୍ଲା ପରିଷଦ ସଦସ୍ୟା ମିନତା ନାଏକ, ସରପଞ୍ଚ ମିନତୀ ନାୟକ, ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ତଥା ରାଜ୍ୟ ବିଜେଡି ସମ୍ପାଦକ ଚକ୍ରଧର ହେମ୍ବ୍ରମ, ସମାଜସେବୀ ବିଶ୍?ନାଥ ସାହୁ, ଶମ୍ଭୁନାଥ ମହାକୁଡ ପ୍ରମୁଖ ଉପସ୍ଥିତ ରହି ଗ୍ରାମାଞ୍ଚଳରେ ଏଭଳି ପ୍ରତିଯୋଗିତା ଆୟୋଜନକାରୀଙ୍କୁ ପ୍ରଶଂସା କରିଥିଲେ। ଚାମ୍ପିଅନ ଦଳକୁ ଟ୍ରଫି ସହିତ ଲକ୍ଷ ଟଙ୍କାର ଚେକ୍, ରନର୍ସଅପ୍ ଟିମ୍‌କୁ ଟ୍ରଫି ସହ ୭୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ବେଷ୍ଟ କ୍ୟାଚ୍ ପାଇଁ କିଶୋର ରଞ୍ଜନ ନାଏକ, ଶ୍ରେଷ୍ଠ ଫିଲଡର ପ୍ରୀତିରଣ ମହାନ୍ତ, ଶ୍ରେଷ୍ଠ ବୋଲର ଓ ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବେ ପଙ୍କଜ ଦାସ, ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ମନୋଜ ମହାନ୍ତଙ୍କ ସମେତ ଅମ୍ପାୟାର ଓ ସ୍କୋରଶ୍ ଆଙ୍କର ବୁବୁ ସିହ୍ନା ଓ ଭାଷ୍ୟକାର ରାଜାଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଖେଳରେ ରେନବୋ ୱାରିଅର, ଜେବିଏମ୍ ୱାରିୟର, କେକେଆର ଆନାଦ କ୍ଲବ୍, ମୁବ୍ରତ ଫାରଟର, କମାଣ୍ଡ କିଙ୍ଗ୍, କେଜିଏଫ୍ ଓ କଳିଙ୍ଗ ୱାରିୟର ଟିମ୍ ଅଂଶ ଗ୍ରହଣ କରିଥିଲେ।

## 'ଟି-୧୦' ସୁଦାମ ମାର୍ଣ୍ଡି କ୍ରିକେଟ ଉଦ୍‌ଯାପିତ
# ଇରଫାନି ଏକ୍ସ ଆଇ ଚାମ୍ପିଅନ

ଝରାଡିହି, ୯।୧(ସମିସ): ବହଳଦା ବ୍ଲକ ଭିତରାମଦା ଗ୍ରାମପଞ୍ଚାୟତ ଜାରିଟାଣ୍ଡି ଫୁଟବଲ ଖେଳ ପଡିଆରେ ଗତ ୩୧ ତାରିଖରୁ ଚାଲିଥିବା ଟି-୧୦ ସୁଦାମ ମାର୍ଣ୍ଡି କ୍ରିକେଟ ବିଜେଡି ମୟୂରଭଞ୍ଜ ଜିଲ୍ଲା ୨ ଭାଇସ ପ୍ରେସିଡେଣ୍ଟ ସଚିନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଆଜି ଉଦ୍‌ଯାପିତ ହୋଇଯାଇଛି। ଏହି ଖେଳରେ ୧୬ ଟି କ୍ରିକେଟ ଦଳ ଭାଗ ନେଇଥିଲେ। ଆଜି ଇରଫାନି ଏକ୍ସ ଆଇ ରାଉରକେଲା ସହିତ ଏମଏମସିସି ସମ୍ବଲପୁର ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଇନଫାନ ଏକ୍ସ ଆଇ ରାଉରକେଲା ଟିମ ୧୦ ଅଭରରେ ୫ ଉଇକେଟ ବିନିମୟରେ ୮୩ ରନ କରିଥିଲା ବେଳେ ଏମଏମସିସି ସମ୍ବଲପୁର ଟିମ ୧୦ ଅଭରରେ ୮ ଉଇକେଟ ବିନିମୟରେ ୭୪ ରନ କରିଥିଲା। ଫଳରେ ଇରଫାନୀ ଏକ୍ସ ଆର ରାଉରକେଲା ଟିମ ଚାମ୍ପିଅନ ହୋଇଛି। ଚାମ୍ପିଅନ ଦଳକୁ କମିଟି ତରଫରୁ ଏକ ଲକ୍ଷ ଟଙ୍କା ସହିତ ଟ୍ରଫିକ ଓ ରନର୍ସ ଅପ୍ ଦଳକୁ ୬୦ ହଜାର ଟଙ୍କା ସହିତ ଟ୍ରଫିକ ପୁରସ୍କାର ପ୍ରଦାନ କରାଯାଇଥିଲା। ନିଖିଲ ସିଂ ମ୍ୟାନ ଅଫ ଦି ମ୍ୟାଚଭାବେ ବିବେଚିତ ହୋଇଥିଲେ। ଫାଇନାଲ ଖେଳକୁ ରାଇରଙ୍ଗପୁର ପୌର ଅଧ୍ୟକ୍ଷ ଅଭିଶେକ ପଟନାୟକ ଉଦଘାଟନ କରିଥିଲେ। ପୁରସ୍କାର ବଣ୍ଟନ ଉତ୍ସବ ପୂର୍ବତନ ରାଇରଙ୍ଗପୁର ବିଧାୟକ ସାଇବା ସୁଶିଲ କୁମାର ହାଁସଦା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିରୂପେ ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଜାରିଟାଣ୍ଡି ଫୁଟବଲ ଓ କ୍ରିକେଟ ଖେଳ ପେଣ୍ଡାଲ ଫିତା କାଟି ଉଦଘାଟନ କରିଥିଲେ। ସମ୍ମାନିତ



ଅତିଥି ଭାବେ ବିଜେଡି ମୟୂରଭଞ୍ଜ-୨ ସଭାପତି କାଶିନାଥ ହେମ୍ବ୍ରମ, ରାଇରଙ୍ଗପୁର ବ୍ଲକ ଅଧ୍ୟକ୍ଷ ଜ୍ଞାନରଂଜନ ହେମ୍ବ୍ରମ, ବିଜେଡି ମୟୂରଭଞ୍ଜ ୨ ଭାଇସ ପ୍ରେସିଡେଣ୍ଟ ସୁବାସ ମଣ୍ଡଳ, ସମାଜସେବୀ ପ୍ରଫୁଲ ସାହୁ, ଭିତରାମଦା ସରପଞ୍ଚ ଖାତ୍ରି କିସ୍କୁ, ଜିଲ୍ଲା ପରିଷଦ ସଚି ମହାନ୍ତ, ଜିଲ୍ଲା ପରିଷଦ ଜାମଦା ବାବୁଲୁ ଟୁଡୁ, ଜାମଦା ବ୍ଲକ ଅଧ୍ୟକ୍ଷ ଡୁମୁକା ହେମ୍ବ୍ରମ, ଜିଲ୍ଲା ପରିଷଦ ବାରିପଦା ମୁନା ହାଁସଦାଃ, ଭାଇସ ଚେୟାରମ୍ୟାନ ବହଳଦା ବ୍ଲକ ପୂର୍ଣ୍ଣଚନ୍ଦ୍ର ବସା, ପୂର୍ବତନ ବହଳଦା ବ୍ଲକ ଅଧ୍ୟକ୍ଷ ରବୀନ୍ଦ୍ର ମାଣ୍ଡି, ସଚିନ୍ଦ୍ର ଦାଶ, ମତିଲାଲ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଆନନ୍ଦ ସିଂ ଧନ୍ୟବାଦ ଦେଇଥିଲେ।

